# BASUDEV GODABARI DEGREE COLLEGE, KESAIBAHAL

# BLENDED LEARNING STUDY MATERIALS

## UNIT-II

**DEPARTMENT :-** ଓଡ଼ିଆ

**SUBJECT :-** ନାଟକ, ଏକାଙ୍କି, ପ୍ରବନ୍ଧ ଓ ଜୀବନୀ

**SEMESTER :-** ତୃତୀୟ (ପ୍ରଥମ ପତ୍ର)

# କାରକ, ବିଭକ୍ତି, କୃଦନ୍ତ ଓ ତଦ୍ଧିତ

## କାରକ

କ୍ରିୟା ସହିତ କାରକର ସଂପର୍କ ନିବିଡ଼ । ଉଭୟେ ଉଭୟଙ୍କର ପରିପୂରକ । କୃ + ଅକ = କାରକ । ଅତଏବ କ୍ରିୟା ସହିତ ଯାହାର ଅନ୍ୱୟ ଅର୍ଥାତ୍ ସମ୍ବନ୍ଧ ରହିଛି, ତାହାକୁ 'କାରକ' କହନ୍ତି ।[୧] 'କାରକ'ର ଆକ୍ଷରିକ ପରିଭାଷା ହେଉଛି "ଯାହା ଭାବ ଉତ୍ପାଦନ କରେ ବା କ୍ରିୟା ସହିତ ସଂଯୁକ୍ତ ଭାବରେ ଉତ୍ପାଦକ ହୋଇଥାଏ । ଉତ୍ପାଦକ ଶକ୍ତି ଭାବରେ କାରକ ଯେଉଁସବୁ ଭାବ ସମ୍ବନ୍ଧ ଉତ୍ପାଦନ କରେ ତାହା ହେଉଛି -

(୧) କର୍ତ୍ତୃକାରକ - କର୍ତ୍ତାବାଚକ ପଦ

(୨) କର୍ମକାରକ - କର୍ମବାଚକ ପଦ

(୩) କରଣ କାରକ - କର୍ମକାରଣର ମାଧ୍ୟମ ପଦ

(୪) ସଂପ୍ରଦାନ କାରକ - ଦେୟ / ଦାନ ଗ୍ରହଣ ସୂଚକ ସଂପ୍ରଦାନପଦ

(୫) ଅପାଦାନ କାରକ - ଯାହା ପାଖରୁ ବିଚ୍ୟୁତି ଘଟିଛି ।

(୬) ଅଧିକରଣ କାରକ - କାଳ ଓ ସ୍ଥାନାଧିକରଣ ଅର୍ଥରେ

(୭) ସମ୍ବନ୍ଧସୂଚକ ପଦ - ଅଣକାରକ ପଦ (ଏହି ପଦ ସହିତ କ୍ରିୟାର ପ୍ରତ୍ୟକ୍ଷ ସଂପର୍କ ନାହିଁ)

ସୁତରାଂ, ବାକ୍ୟରେ କ୍ରିୟା ସହିତ ପ୍ରତ୍ୟକ୍ଷ ଭାବରେ ବିଭିନ୍ନ ପଦର ଯେଉଁ ଭାବ ଉତ୍ପାଦନକାରୀ ସମ୍ବନ୍ଧ ଥାଏ, ତାହାକୁ 'କାରକ' କୁହାଯାଏ ।

ଉଦାହରଣ : ଓଡ଼ିଶାର ମୁଖ୍ୟମନ୍ତ୍ରୀ ରବୀନ୍ଦ୍ର ମଣ୍ଡପରେ, ସ୍ୱାଧୀନତା ଦିବସରେ, ଓଡ଼ିଶା ସରକାରଙ୍କ ପକ୍ଷରୁ ଶିକ୍ଷକମାନଙ୍କୁ ସ୍ୱହସ୍ତରେ ମାନପତ୍ର ସହ ଅର୍ଥରାଶି ପ୍ରଦାନ କଲେ ।

ଏହି ବାକ୍ୟରେ 'କ୍ରିୟାପଦ' ହେଉଛି - ପ୍ରଦାନ କଲେ । ଏହା ସହିତ ବାକ୍ୟରେ ଥିବା ଅନ୍ୟ ପଦମାନଙ୍କର କିଭଳି ଭାବଗତ ସମ୍ବନ୍ଧ ରହିଛି - ତାହା ଜାଣିବା ପାଇଁ କ୍ରିୟାପଦ (ପ୍ରଦାନ କଲେ) ପୂର୍ବରୁ 'ପ୍ରଶ୍ନବାଚକ ସର୍ବନାମ' ଲଗାଇଦେଲେ ଉତ୍ତର ପାଇଯିବା । ଯଥା :

| ପ୍ରଶ୍ନ | ଉତ୍ତର | ସମ୍ବନ୍ଧ |
|---|---|---|
| କିଏ ପ୍ରଦାନ କଲେ ? | ମୁଖ୍ୟମନ୍ତ୍ରୀ | କର୍ତ୍ତା |
| କ'ଣ ପ୍ରଦାନ କଲେ ? | ମାନପତ୍ର ସହ ଅର୍ଥରାଶି | କର୍ମ |
| କାହାଦ୍ୱାରା ପ୍ରଦାନ କଲେ ? | ସ୍ୱହସ୍ତରେ | କରଣ |
| କାହାଙ୍କୁ ପ୍ରଦାନ କଲେ ? | ଶିକ୍ଷକମାନଙ୍କୁ | ସଂପ୍ରଦାନ |
| କାହା ପକ୍ଷରୁ ପ୍ରଦାନ କଲେ ? | ସରକାରଙ୍କ ପକ୍ଷରୁ | ଅପାଦାନ |
| କେଉଁଠାରେ ପ୍ରଦାନ କଲେ ? | ରବୀନ୍ଦ୍ର ମଣ୍ଡପରେ | ଅଧିକରଣ |
| କେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ? | ଓଡ଼ିଶାର | ସମ୍ବନ୍ଧପଦ |

ଉପରୋକ୍ତ ପ୍ରଶ୍ନୋତ୍ତର ପ୍ରକ୍ରିୟାରୁ ଜଣାଗଲା ଯେ,

'ପ୍ରଦାନ କଲେ' (କ୍ରିୟାପଦ) ସହିତ

(୧) ମୁଖ୍ୟମନ୍ତ୍ରୀ

(୨) ମାନପତ୍ର ସହ ଅର୍ଥରାଶି

(୩) ସ୍ୱହସ୍ତରେ

(୪) ଶିକ୍ଷକମାନଙ୍କୁ

(୫) ଓଡ଼ିଶା ସରକାରଙ୍କ ପକ୍ଷରୁ

(୬) ରବୀନ୍ଦ୍ର ମଣ୍ଡପରେ

ଆଦି ପଦମାନଙ୍କର ପ୍ରତ୍ୟକ୍ଷ ଭାବେ ଭାବଗତ ସମ୍ବନ୍ଧ ରହିଛି । ତେଣୁ ଏଗୁଡ଼ିକ ହେଉଛି କାରକ । ଏହି ଆଧାରରେ 'କାରକ'ର ସଂଜ୍ଞା ନିରୂପଣ କରାଯାଇପାରେ, ଏହିପରି :

"ଏକ ସଂପୂର୍ଣ୍ଣ ଓ ସାର୍ଥକ ବାକ୍ୟରେ କ୍ରିୟାର ଯେଉଁ ପଦଗୁଡ଼ିକ ସହିତ କାର୍ଯ୍ୟକାରଣଗତ ସମ୍ବନ୍ଧ ବା ଅନ୍ୱୟ ରହିଛି ଏବଂ ସମ୍ବନ୍ଧାନୁସାରେ ଯେଉଁ କ୍ରିୟା ନିଷ୍ପନ୍ନ ହୁଏ, ତାହା ହିଁ 'କାରକ' ।[୨]

**କାରକର ବିଶେଷ ଲକ୍ଷଣ :**

କାରକର ବିଶେଷ ଲକ୍ଷଣ ହେଉଛି ପ୍ରତ୍ୟୟ ସଂପୃକ୍ତି । କାରକ ଦ୍ୱାରା ଅର୍ଥସିଦ୍ଧ ଓ ରୂପସିଦ୍ଧ ପ୍ରତ୍ୟୟଗୁଡ଼ିକୁ ବିଭକ୍ତି କୁହାଯାଏ । ପ୍ରତ୍ୟେକ ପ୍ରତ୍ୟୟ ହେଉଛି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବର୍ଣ୍ଣାଶ୍ରୟୀ ଚିହ୍ନ । ମୋଟ ଉପରେ କହିଲେ କାରକର ଚିହ୍ନକୁ ବିଭକ୍ତି କୁହାଯାଏ । ଏହା ନିର୍ଦ୍ଦିଷ୍ଟ ଏକକ ଓ ବହୁତ୍ୱକୁ ମଧ୍ୟ ବୁଝାଇଥାଏ । ତେଣୁ ପ୍ରତ୍ୟେକ ବିଭକ୍ତିରେ ଏକବଚନ ଓ ବହୁବଚନର ଦୁଇଟି ରୂପ ଅଛି, ଏଥିରୁ ବିଭକ୍ତିସୂଚକ ଚିହ୍ନଗୁଡ଼ିକର ବ୍ୟାବହାରିକ ଭିନ୍ନତା ଦେଖାଯାଇଥାଏ ।

**କାରକର ପ୍ରତ୍ୟୟ ସଂପୃକ୍ତି ବା ଅର୍ଥସିଦ୍ଧ ପ୍ରତ୍ୟୟ :**

(୧) କର୍ତ୍ତାକାରକ - ପ୍ରତ୍ୟୟ ନାହିଁ (କେତେକ ସ୍ଥଳରେ ଟି, ଟାଏ, ଏ ଲାଗିଅଛି)

(୨) କର୍ମକାରକ - କୁ / ନ୍ + କୁ = ଙ୍କୁ

(୩) କରଣ କାରକ - ରେ, ଦ୍ୱାରା, ଏ, ଦେଇ ।

(୪) ସଂପ୍ରଦାନ କାରକ - କୁ, ଟାକୁ, ଙ୍କୁ

(୫) ଅପାଦାନ କାରକ - ରୁ, ଠାରୁ

(୬) ଅଧିକରଣ କାରକ - ରେ, ଏ, ୟେ

ଉପରୋକ୍ତ ପ୍ରତ୍ୟୟଗୁଡ଼ିକ ବିଶେଷ୍ୟପଦ ସହିତ ସଂଯୁକ୍ତ ହୋଇ ଅର୍ଥସାଧନ କରିଥାନ୍ତି। ଏହି ସାଧିତ ଅର୍ଥକୁ "କାରକ ବାଚକ ଅର୍ଥ" କୁହାଯାଏ ଏବଂ ପଦଟିକୁ "କାରକ ନିଷ୍ପାଦନ ପଦ" କୁହାଯାଏ ।

ଯଥା : (୧) ବିଶେଷ୍ୟପଦ + ପ୍ରତ୍ୟୟ → ପିଲା + ଏ = ପିଲାଏ ଯାଉଛନ୍ତି । (ପିଲା - ଏ = ପିଲା = ମାନେ)

(୨) ବିଶେଷ୍ୟପଦ + ପ୍ରତ୍ୟୟ → ଗଛ + ରୁ = ଗଛରୁ ଖସିପଡ଼ିଲା । (ରୁ - ଠାରୁ ଅର୍ଥ)

(୩) ବିଶେଷ୍ୟ ପଦ + ପ୍ରତ୍ୟୟ → ସମୁଦ୍ର + ରେ = ସମୁଦ୍ରରେ ମିଶିବା (ରେ - ମଧ୍ୟରେ, ଭିତରେ, ସାଙ୍ଗରେ)

ଏଥିରେ "କାରକ ସୂଚକ ବିଭକ୍ତି ଚିହ୍ନ" ହେଉଛି ଏ, ରୁ, ରେ । 'ପିଲାଏ', 'ଗଛରୁ' ଓ 'ସମୁଦ୍ରରେ' ହେଉଛି "କାରକ ନିଷ୍ପାଦନ ପଦ ।" ମାନେ, ଠାରୁ, ସାଙ୍ଗରେ ହେଉଛି "କାରକ ନିଷ୍ପନ୍ନ ଅର୍ଥ" ।

**'କାରକ'ର ବିଭାଗୀକରଣ, ପ୍ରୟୋଗ-ପ୍ରକରଣ ବିଧି :**

**କାରକ**

(୧) କର୍ତ୍ତାକାରକ | (୨) କର୍ମକାରକ | (୩) କରଣକାରକ | (୪) ସଂପ୍ରଦାନ କାରକ | (୫) ଅପାଦାନ କାରକ | (୬) ଅଧିକରଣ କାରକ

**ବିଶ୍ଳେଷଣ : (ପ୍ରୟୋଗ-ପ୍ରକରଣ ବିଧି) :**

**(୧) କର୍ତ୍ତାକାରକ : (ପ୍ରଥମା ବିଭକ୍ତି)**

ଯାହାଦ୍ୱାରା କ୍ରିୟା ସାଧନ ହୁଏ ବା ଯିଏ କ୍ରିୟା ସଂପାଦନା କରାଏ, ତାହା ହିଁ **"କର୍ତ୍ତା କାରକ"** । ଏଥିରେ ପ୍ରଥମା ବିଭକ୍ତି ହୁଏ ।

ସାଧାରଣତଃ କ୍ରିୟାପଦ ପୂର୍ବରୁ 'କିଏ' ବା 'କ'ଣ' ଲଗାଇ ପ୍ରଶ୍ନ କଲେ ଯେଉଁ ଉତ୍ତର ମିଳେ ।

ଉଦାହରଣ : (୧) ଛାତ୍ରଟି ବ୍ୟାକରଣ ପଢୁଛି ।

(୨) ଶିକ୍ଷକ ଛାତ୍ରକୁ ବ୍ୟାକରଣ ପଢ଼ାଉଛନ୍ତି ।

ଉଦ୍ଧୃତ ଦୁଇଟି ବାକ୍ୟରେ 'ଛାତ୍ରଟି' ଓ 'ଶିକ୍ଷକ' ଦୁଇଟି ହେଉଛନ୍ତି 'କର୍ତ୍ତା' । ଅର୍ଥାତ୍ ପ୍ରଥମ ବାକ୍ୟରେ 'ପଢ଼ିବା' କାର୍ଯ୍ୟ ନିଜେ ଛାତ୍ରଟି ସଂପାଦାନ କରୁଛି ଓ ଦ୍ୱିତୀୟ ବାକ୍ୟରେ 'କର୍ତ୍ତା'ର ଭିନ୍ନ ଭୂମିକା ରହିଛି -ପଢ଼ାଇବା କ୍ରିୟା 'ଶିକ୍ଷକ' ନିଜେ ହିଁ ସଂପାଦନା କରୁଛନ୍ତି । ଏହି ବିଚାରରେ ଛାତ୍ରଟି ଓ ଶିକ୍ଷକ - ଉଭୟେ କର୍ତ୍ତୃକାରକ । ଉଭୟେ ପଠନ କ୍ରିୟା ସଂପାଦନା କରୁଛନ୍ତି ।

**'କର୍ତ୍ତାକାରକ'ର ବିଭାଗୀକରଣ :**

**କର୍ତ୍ତୃକାରକ**

ମୁଖ୍ୟକର୍ତ୍ତା | ପ୍ରୟୋଜକ କର୍ତ୍ତା | ପ୍ରଯୋଜ୍ୟ କର୍ତ୍ତା | ଉହ୍ୟକର୍ତ୍ତା

**ବିଶ୍ଳେଷଣ :**

**(କ) ମୁଖ୍ୟକର୍ତ୍ତା :**

କର୍ତ୍ତା ନିଜେ ଯେଉଁ କାର୍ଯ୍ୟ ସଂପାଦନା କରେ । ଯଥା : (୧) ଗୀତା ଗୀତ ଗାଉଛି ।

(୨) ସାରଳା ଦାସ ମହାଭାରତ ରଚନା କରିଥିଲେ ।

ଏଠାରେ 'ଗୀତା' ନିଜେ ଗୀତ ଗାଉଛି ଓ ସାରଳା ଦାସ ନିଜେ ମହାଭାରତ ଲେଖିଛନ୍ତି ।

**(ଖ) ପ୍ରଯୋଜକ କର୍ତ୍ତା (ହେତୁ କର୍ତ୍ତା) :**

ଯେଉଁଠାରେ କର୍ତ୍ତା ନିଜେ କାର୍ଯ୍ୟ ସଂପାଦନା ନ କରି ଅନ୍ୟଦ୍ୱାରା କରାଏ, ତାହା 'ପ୍ରଯୋଜକ କର୍ତ୍ତା' । ଯଥା : ଶିକ୍ଷକ ଛାତ୍ରକୁ ବ୍ୟାକରଣ ପଢ଼ାଉଅଛନ୍ତି । ଏହି ବାକ୍ୟରେ ଶିକ୍ଷକ ନିଜେ 'ପଢ଼ିବା' କାର୍ଯ୍ୟ କରୁନାହାନ୍ତି । ସେ ଛାତ୍ରକୁ ପଢ଼ାଉଛନ୍ତି । ତେଣୁ 'ଶିକ୍ଷକ' ଏଠାରେ 'ପ୍ରଯୋଜନ କର୍ତ୍ତା' ।

**(ଗ) ପ୍ରଯୋଜ୍ୟ କର୍ତ୍ତା :**

ପ୍ରଯୋଜକ କର୍ତ୍ତା ଯାହାଦ୍ୱାରା କାର୍ଯ୍ୟ ସଂପାଦନ କରେ, ସେ 'ପ୍ରଯୋଜ୍ୟ କର୍ତ୍ତା' ଯଥା :

ମା' ପୁଅକୁ ଭାତ ଖୁଆଇଥିଲେ । ଏଥିରେ ପୁଅକୁ ପଦଟି ପ୍ରଯୋଜ୍ୟ କର୍ତ୍ତା । ପ୍ରଯୋଜ୍ୟ କର୍ତ୍ତାଠାରେ ୨ୟା ଓ ତୃତୀୟ ବିଭକ୍ତି ହୋଇଥାଏ ।

**(ଘ) ଉହ୍ୟ କର୍ତ୍ତା :**

କେତେକ କ୍ଷେତ୍ରରେ ଆଦେଶ ସୂଚକ ବାକ୍ୟରେ କର୍ତ୍ତା ମଧ୍ୟ ଉହ୍ୟ (ଅଦୃଶ୍ୟ) ଭାବରେ ଥାଏ ।

ସତ୍ୟ କହ । ନିଷ୍ଠା ରଖି କାର୍ଯ୍ୟ କର । ମନ ଦେଇ ପାଠ ପଢ଼ ।

ଏହି ତିନୋଟି ବାକ୍ୟରେ 'ତୁମେ' କର୍ତ୍ତାପଦଟି ଉହ୍ୟ ହୋଇ ରହିଛି ।

**'କର୍ତ୍ତା' ହୋଇପାରୁଥିବା ଭିନ୍ନ ଭିନ୍ନ ପଦ :**

**(କ) ବିଶେଷ୍ୟ :** ଭିକାରିଟି ଭିକ ମାଗୁଛି । ପିଲାଟି ଖେଳୁଛି ।

**(ଖ) ବିଶେଷଣ :** ମୂର୍ଖ ସହଜରେ ବୁଝେ ନାହିଁ । ଜ୍ଞାନୀ ସବୁଠି ପୂଜା ପାଏ ।

**(ଗ) ସର୍ବନାମ :** ମୁଁ କଟକ ଯିବି । ସେମାନେ କଲେଜକୁ ଯାଉଛନ୍ତି ।

**(ଘ) କୃଦନ୍ତ :** ଚଳଣି ବହୁତ ବଦଳି ଗଲାଣି । ମରଣ ଜୀବନର ଅନ୍ତିମ ସୋପାନ ।

**(ଙ) ଖଣ୍ଡବାକ୍ୟ :**

ସେ ଧର୍ମରେ ଥିଲେ ବୋଲି ଏତେ ବଡ଼ ବିପଦରୁ ଉଦ୍ଧାର ପାଇଲେ ।

ତୁମେ ଆସିବ କି ନାହିଁ, ତୁମ ଇଚ୍ଛା ଉପରେ ନିର୍ଭର କରେ ।

**(ଚ) ବାକ୍ୟାଂଶ :**

ମୁକୁଟମଣ୍ଡିତ ରାଜଶିର ନୁହେଁ, ଶାନ୍ତିର ଆସ୍ପଦ ।

ଦାନ୍ତୁରୀର ହସିବା କାନ୍ଦିବା ସମାନ ।

## (୨) କର୍ମକାରକ : (୨ୟା ବିଭକ୍ତି)

(କ) 'କର୍ତ୍ତୁରୀପ୍ସିତତମଂ କର୍ମ'; ଅର୍ଥାତ୍ କର୍ତ୍ତାର କ୍ରିୟା ସଂପଦାନରେ ଯାହା ଅଭିଳଷିତ ବା ପ୍ରଧାନ ଲକ୍ଷ୍ୟ – ତାହାକୁ 'କର୍ମକାରକ' କୁହାଯାଏ ।

କ୍ରିୟାପଦ ପୂର୍ବରେ 'କଅଣ', 'କାହାକୁ' ବା 'କେଉଁଠି'କୁ ପ୍ରଭୃତି ଲଗାଇ କର୍ତ୍ତା ଆଧାରରେ ପ୍ରଶ୍ନ କଲେ ଯେଉଁ ଉତ୍ତର ମିଳେ, ତାହା କର୍ମକାରକ। ସୁତରାଂ କର୍ମ ହେଉଛି କ୍ରିୟାର ଉଦ୍ଦେଶ୍ୟମୂଳକ ଆଧାର ।

ଏଥିରେ ଦ୍ୱିତୀୟ ବିଭକ୍ତି ହୁଏ ।

ବିଶେଷ୍ୟ, ସର୍ବନାମ ବା ବିଶେଷ୍ୟ ପରିବର୍ତ୍ତେ ବ୍ୟବହୃତ ଯେକୌଣସି ପଦ ବା ପଦସମଷ୍ଟି କର୍ମପଦ ରୂପେ ବ୍ୟବହୃତ ହୋଇପାରେ ।

ଉଦାହରଣ : (୧) ଅଶୋକ କଳିଙ୍ଗ ଜୟ କରିଥିଲେ ।

(୨) କଲମ୍ବସ ଆମେରିକା ଆବିଷ୍କାର କରିଥିଲେ ।

ପ୍ରଥମ ବାକ୍ୟରେ 'ଅଶୋକ' କର୍ତ୍ତାପଦର 'ଜୟ କରିବା' କ୍ରିୟା ସଂପଦାନରେ ଅଭିଳଷିତ ବା ମୁଖ୍ୟ ଲକ୍ଷ୍ୟ ହେଉଛି 'କଳିଙ୍ଗ' ।

ସେହିପରି; ଦ୍ୱିତୀୟ ବାକ୍ୟରେ 'କଲମ୍ବସ' କର୍ତ୍ତାପଦର 'ଆବିଷ୍କାର' କ୍ରିୟାର ମୁଖ୍ୟ ଅଭିଳାଷ ବା ଲକ୍ଷ୍ୟ ହେଉଛି 'ଆମେରିକା' ।

ସୁତରାଂ ଉଭୟ ବାକ୍ୟରେ 'କଳିଙ୍ଗ' ଓ 'ଆମେରିକା' ଦୁଇଟି କର୍ମକାରକ । ପ୍ରତ୍ୟେକ ବାକ୍ୟକୁ ନାସ୍ତିସୂଚକ' କରାଯାଇପାରେ । ଯଥା :

ଶିଶୁଟି <u>କ୍ଷୀର</u> ପିଉଛି ।

ଶିଶୁଟି <u>କ୍ଷୀର</u> ପିଉନାହିଁ ।

ଏହି ପଦ ଦୁଇଟିରେ ପ୍ରଥମଟି ଶିଶୁର ଅଭିଳଷିତ ଭାବନାକୁ ସୂଚନା ଦେବାବେଳେ, ଦ୍ୱିତୀୟ ବାକ୍ୟରେ 'କ୍ଷୀର' କର୍ମଟି ଅଭିଳଷିତ ଅର୍ଥଦ୍ୟୋତକ ।

### (ଖ) କର୍ମକାରକର ବିଭାଗୀକରଣ :

ଏଥିରେ କ୍ରିୟାର ଆଧାର ରୂପରେ ଚାରିପ୍ରକାର କର୍ମର ପ୍ରଚଳନ ଦେଖାଯାଏ । ଯଥା :

<u>କର୍ମକାରକ</u>

(୧) ମୁଖ୍ୟକର୍ମ | (୨) ଗୌଣକର୍ମ | (୩) ବିଧେୟ | (୪) ଉପବାକ୍ୟ କର୍ମ

**(୧) ମୁଖ୍ୟକର୍ମ :** ଯେଉଁ କର୍ମର କ୍ରିୟା ସହିତ ଉଦ୍ଦେଶ୍ୟମୂଳକ ବିଶେଷ ସଂପର୍କ ଥାଏ, ତାହା ମୁଖ୍ୟକର୍ମ ।

ଉଦାହରଣ : ଅଧ୍ୟାପକ ଛାତ୍ରମାନଙ୍କୁ ବୁଝାଉଛନ୍ତି । ଏଠାରେ କର୍ତ୍ତା (ଅଧ୍ୟାପକ) ବୁଝାଇବା କ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ 'ଛାତ୍ରମାନଙ୍କ' ପ୍ରତି ସମ୍ବନ୍ଧାନ୍ୱିତ । ତେଣୁ 'ଛାତ୍ରମାନଙ୍କୁ' ହେଉଛି ମୁଖ୍ୟକର୍ମ ।

**(୨) ଗୌଣକର୍ମ :** ଯେଉଁ କର୍ମର କ୍ରିୟା ସହିତ ନିମିତ୍ତାର୍ଥକ ସହଯୋଗର ସମ୍ବନ୍ଧ ଥାଏ, ତାହା ହିଁ 'ଗୌଣ କର୍ମ' ।

ଅଧ୍ୟାପକ ଛାତ୍ରମାନଙ୍କୁ ଆଧୁନିକ କବିତା ବିଷୟରେ ବୁଝାଉଛନ୍ତି ।

ଏଠାରେ 'ଛାତ୍ରମାନଙ୍କୁ' ଏବଂ 'ଆଧୁନିକ କବିତା ବିଷୟରେ' ଦୁଇଟି କର୍ମ ସୂଚକ । ଉଭୟ ଦ୍ୱିକର୍ମକ କ୍ରିୟା ସହିତ ସଂପୃକ୍ତ । ମାତ୍ର 'କର୍ତ୍ତା' (ଅଧ୍ୟାପକ) ବୁଝାଇବା ପଶ୍ଚାତ୍‌ରେ ଉଦ୍ଦେଶ୍ୟ ହେଉଛି 'ଆଧୁନିକ କବିତା' । ଏହା କ୍ରିୟା ସହିତ ଲକ୍ଷ୍ୟସାଧନୀ ସମ୍ବନ୍ଧ ରହିଛି । ତେଣୁ 'ଆଧୁନିକ କବିତା' ମୁଖ୍ୟକର୍ମ ଓ 'ଛାତ୍ରମାନଙ୍କୁ' ହେଉଛି 'ଗୌଣକର୍ମ' ।

ସାଧାରଣତଃ ଓଡ଼ିଆରେ ଭାବ ବିନିମୟ ସମୟରେ ପ୍ରାୟତଃ ପ୍ରାଣୀବାଚକ କର୍ମଟି ହୁଏ ଗୌଣ, ଆଉ ଅପ୍ରାଣୀବାଚକ କର୍ମଟି ମୁଖ୍ୟ ହୋଇଥାଏ । ଏପରିକି କେତେକ ସ୍ଥଳରେ ପ୍ରାଣୀବାଚକ ବିଶେଷ୍ୟଟି ପ୍ରଧାନ କର୍ତ୍ତାର ମାନ୍ୟତା ବି ପାଇଥାଏ ।

**(୩) ବିଧେୟ କର୍ମ :** ଯାହାକୁ ମୁଖ୍ୟକରି ବିଷୟ ଔଚିତ୍ୟ ସହ କୁହାଯାଏ ବା ପ୍ରକାଶ କରାଯାଏ - ତାହା ଉଦ୍ଦେଶ୍ୟ, ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ ତାହା 'ବିଧେୟ' ।

ଉଦାହରଣ : ଜନସାଧାରଣ ଭୋଟ ଦେଇ ତାଙ୍କୁ ସେମାନଙ୍କର ନେତା ନିର୍ବାଚିତ କରିଛନ୍ତି ।

ଏଥିରେ 'ତାଙ୍କୁ' ଓ 'ନେତା' ଦୁଇଟି କର୍ମପଦକୁ ନେଇ ଜନସାଧାରଣ (କର୍ତ୍ତା), ନିର୍ବାଚନ କାର୍ଯ୍ୟ (କ୍ରିୟା) ସାଧନ କରୁଛନ୍ତି । ତେଣୁ ଏଠାରେ 'ତାଙ୍କୁ' ଉଦ୍ଦେଶ୍ୟ ବା ଅଭିଳକ୍ଷିତ ପର୍ଯ୍ୟାୟରେ ରଖି 'ନେତା' ପଦଟିକୁ ବିଧେୟ (କରଣୀୟ) କରାଯାଇଛି । ବାସ୍ତବରେ ଉଦ୍ଦେଶ୍ୟର ଉପକାରକ ହେଉଛି ବିଧେୟ । ଏଠାରେ ଉଦ୍ଦେଶ୍ୟ ରୂପକ କର୍ମ 'ତାଙ୍କୁ' ର ସହଯୋଗୀମୂଳକ କର୍ମ ଭାବରେ 'ନେତା' ପଦଟିକୁ 'ବିଧେୟ କର୍ମ' ରୂପରେ ବ୍ୟବହାର କରାଯାଇଛି । ଏ ଦୃଷ୍ଟିରୁ ଅର୍ଥାତ୍ ଅର୍ଥଶୃଙ୍ଖଳ ଭିତ୍ତିରେ ବିଚାର କଲେ ଉଭୟ କର୍ମକାରକ ରୂପରେ ଗ୍ରହଣଯୋଗ୍ୟ ଅଟନ୍ତି ।

**(୪) ଉପବାକ୍ୟ କର୍ମ :** ଯେତେବେଳେ କ୍ରିୟା ସାର୍ଥକ ଧାତୁଗତ ଅର୍ଥ ବ୍ୟାପାରଟି ବାକ୍ୟର ସମୁଦାୟ ପଦକୁ କର୍ମ ସୂଚକ ଭାବରେ ଆଧାର କରିବ, ସେତେବେଳେ ସଂପୂର୍ଣ୍ଣ ପଦ ସମଷ୍ଟି ମୂଳକ ବାକ୍ୟଟି 'କର୍ମପଦ କାରକ' ହେବ । ଏ ପ୍ରକାର ବାକ୍ୟର କର୍ମପଦ ରୂପକ ବ୍ୟବହାରକୁ "ଉପବାକ୍ୟ କର୍ମ" କୁହାଯାଏ ।

ସମସ୍ତଙ୍କୁ ଜାଣିଗଲେଣି । ଏଣିକି ଓଡ଼ିଆ ସାହିତ୍ୟ ପଢ଼ିବା ଗଠନମୂଳକ ହେବ ।

ଏଥିରେ 'ଏଣିକି ଓଡ଼ିଆ ସାହିତ୍ୟ ପଢ଼ିବା ଗଠନ ମୂଳକ ହେବ' - ଏକ ଉଦ୍‌ବୋଧକ ଉପବାକ୍ୟ । ଏହି ଉପବାକ୍ୟଟି 'ଜାଣି ଗଲେଣି' କ୍ରିୟାର ସାଧନ କର୍ମ ।

**ଓଡ଼ିଆ 'କର୍ମକାରକ'ର ବିଭିନ୍ନ ପ୍ରୟୋଗାତ୍ମକ ବିଶେଷତ୍ୱ :**

**(୧)** ଅନେକ କ୍ଷେତ୍ରରେ ଗମ୍‌ଧାତୁ ବୋଧକ ବା ଗତ୍ୟର୍ଥକ କେତେକ ଅକର୍ମକ ଧାତୁର ଉତ୍ତରରେ ସଂଯୁକ୍ତ ସ୍ଥାନ-କାଳ - ପରିମାଣ ସୂଚକ ଶବ୍ଦକୁ 'କର୍ମ' ରୂପରେ ବ୍ୟବହାର କରାଯାଇଥାଏ । ଯଥା : ଯାତ୍ରା ଦେଖାରେ ରାତିଯାକ ସରିଲା ।

ପାହାଡ଼ିଆ ରାସ୍ତାରେ ସୈନ୍ୟମାନେ ପାଞ୍ଚଦିନ ଚାଲି ଚାଲି ଗଲେ ।

ଏହି ଦୁଇଟି ବାକ୍ୟରେ 'ରାତିଯାକ' ଓ 'ପାଞ୍ଚଦିନ' କର୍ମକାରକ ରୂପେ ଗ୍ରହଣୀୟ ।

**(୨)** ଅନେକ କ୍ଷେତ୍ରରେ ଅକର୍ମକ କ୍ରିୟା ସମଧାତୁମୂଳକ କର୍ମ ରୂପର ବ୍ୟବହୃତ ହୋଇଥାଏ । ଯଥା :

ରବିଶଙ୍କର ସୁନ୍ଦର ଭାଷଣ ଦେଉଛନ୍ତି ।

ପ୍ରତିଭା ଅନୁଭବର ଲେଖା ଲେଖିଲେ ।

ଏ ଧରଣର ବାକ୍ୟରେ 'ଦେଉଛନ୍ତି' ଓ 'ଲେଖିଲେ' ଆଦି କ୍ରିୟାସମ୍ବନ୍ଧୀ ହୋଇ 'ଭାଷଣ' ଓ 'ଲେଖା' ଇତ୍ୟାଦି ସମଧାତୁ କର୍ମକାରକ ହୋଇ ଉପଯୋଗ ହୋଇଛି । ଏହାକୁ 'ସମଧାତୁଜ କର୍ମ' କୁହାଯାଏ ।

**(୩) କର୍ମକାରକର ଏକ ବଚନାନ୍ତକ ପ୍ରୟୋଗ :**

ବିଶେଷ୍ୟ + ବଚନ + କର୍ମସୂଚକ ପ୍ରତ୍ୟୟ - 'କୁ' / କୁ ସଂପୃକ୍ତ ।

ଯଥା : ଶିଶୁଟିକୁ ଖେଳିବାକୁ ଦିଅ ।

ଅତିଥିଙ୍କୁ ବସିବାକୁ ଡାକ ।

**(୪) କର୍ମକାରକରେ ବହୁବଚନ ପ୍ରୟୋଗ :**

ବିଶେଷ୍ୟ + ବଚନ + କର୍ମପ୍ରତ୍ୟୟ - (ଙ୍କୁ, ମାନଙ୍କୁ, ଗୁଡ଼ିକୁ / ଗୁଡ଼ାକୁ ସହିତ ସଂପୃକ୍ତ)

ଯଥା : ପିଲାମାନଙ୍କୁ ଭାଗବତ ପଢ଼ିବା ଶିଖାଅ ।

ମାଙ୍କଡ଼ଗୁଡ଼ାକୁ ତଡ଼ି ଦିଅ ।

**(୫) କର୍ମକାରକର ଅବ୍ୟୟ ସମ୍ବନ୍ଧୀ :**

ବିଶେଷ୍ୟ + ଅବ୍ୟୟ + କର୍ମକାରକ ପ୍ରତ୍ୟୟ 'କୁ' ସଂଯୁକ୍ତ ।

ଯଥା : ମୋ ଘର ପାଖକୁ ତାଙ୍କ ଘର ।

ସେ ଅଧ୍ୟକ୍ଷଙ୍କ ନିକଟକୁ ଯାଉଛି ।

## (୩) କରଣ କାରକ : (୩ୟା ବିଭକ୍ତି : ଯାହାଦ୍ୱାରା, କାହାଦ୍ୱାରା, କିପରି)

କର୍ତ୍ତା ଯାହାଦ୍ୱାରା ବା ଯାହା ସାହାଯ୍ୟରେ କ୍ରିୟା ସଂପାଦନ କରେ, ତାହାକୁ 'କରଣ କାରକ' କୁହାଯାଏ । ଅର୍ଥାତ୍ କ୍ରିୟା ପଦ ପୂର୍ବରୁ 'କାହାଦ୍ୱାରା' ଲଗାଇ କର୍ତ୍ତା ଆଧାରରେ ପ୍ରଶ୍ନ କଲେ ଯେଉଁ ଉତ୍ତର ମିଳେ, ତାହା ହିଁ 'କରଣ କାରକ' ଏଥିରେ 'ତୃତୀୟା ବିଭକ୍ତି' ହୁଏ ।

ଯଥା : ତନ୍ତୀ ତନ୍ତରେ ଲୁଗା ବୁଣୁଛି ।

ସ୍ୱାଗତିକା ତୂଳୀରେ ଚିତ୍ର ଆଙ୍କୁଛି ।

ଏଥିରେ 'ତନ୍ତ'ରେ ଓ 'ତୂଳୀ'ରେ ପଦ ଦୁଇଟି ହେଉଛି 'କରଣ କାରକ' ।

ପ୍ରଶ୍ନ : ତନ୍ତୀ କାହାଦ୍ୱାରା ଲୁଗା ବୁଣୁଛି ?

ଉତ୍ତର : ତନ୍ତୀ ତନ୍ତରେ ଲୁଗା ବୁଣୁଛି ।

ପ୍ରଶ୍ନ : ସ୍ୱାଗତିକା କାହାଦ୍ୱାରା ଚିତ୍ର ଆଙ୍କୁଛି ?

ଉତ୍ତର : ସ୍ୱାଗତିକା ତୂଳୀରେ ଚିତ୍ର ଆଙ୍କୁଛି ।

କାର୍ଯ୍ୟ ସାଧନର ମାଧ୍ୟମ ପ୍ରାଣୀବାଚକ ପଦ ହୋଇଥିଲେ ସେହି ପଦରେ ଦ୍ୱାରା, ଦେଇ ଯୋଗୁଁ ଲାଗି କରଣକାରକକୁ ଚିହ୍ନି ହୁଏ । ଯଥା : ଆହୁଲା + ଦ୍ୱାରା (ଆହୁଲା ଦ୍ୱାରା ଡଙ୍ଗା ଚାଲେ)

ଅପ୍ରାଣୀବାଚକ ବିଶେଷ୍ୟରେ ମୁଖ୍ୟତଃ 'ରେ' ଲାଗିଥାଏ । ଯଥା : ପିଲାଟି କଲମରେ ଲେଖୁଛି । ଯାତ୍ରୀମାନେ ଟ୍ରେନ୍‌ରେ ଗଲେ ।

ଏସବୁଥିରୁ ପ୍ରମାଣିତ ହୁଏ କର୍ତ୍ତା ଯାହାଦ୍ୱାରା କାର୍ଯ୍ୟ ସାଧନ କରେ, ସେହି ପଦଠାରେ 'କରଣ କାରକ' ହୁଏ ।

## (୪) ସଂପ୍ରଦାନ କାରକ : (ନିମିତ୍ତ କାରକ - ୪ର୍ଥୀ ବିଭକ୍ତି)

(୧) ନିଜର ସ୍ୱାଧୀକାର ତ୍ୟାଗ ବା ଉଚ୍ଛେଦ ପୂର୍ବକ ଯାହାକୁ କିଛି ଦାନ କରାଯାଏ, ତାହାକୁ 'ସଂପ୍ରଦାନ କାରକ' କୁହାଯାଏ ।

(୨) ଦାନର ଗ୍ରହିତା ଦାନ ଦିଆଯାଉଥିବା ବସ୍ତୁର ସଂପୂର୍ଣ୍ଣ ଅଧିକାରୀ ହେଉନଥିଲେ - ସଂପ୍ରଦାନ କାରକ ହୁଏ ନାହିଁ ।

(୩) ବାକ୍ୟର କ୍ରିୟାପଦ ପୂର୍ବରୁ 'କାହାକୁ', 'କାହାପାଇଁ' 'କ'ଣ ପାଇଁ' ସଂଯୋଗ କରି ପ୍ରଶ୍ନ ଆଗତ କଲେ, ଯେଉଁ ଉତ୍ତର ମିଳେ ତାହାକୁ 'ସଂପ୍ରଦାନ କାରକ' ବା 'ନିମିତ୍ତ କାରକ' କୁହାଯାଏ ।

(୪) ସଂପ୍ରଦାନ କାରକ ଅଥବା ନିମିତ୍ତ କାରକର ପ୍ରୟୋଗ - ବିଶେଷ୍ୟ ପଦ + ପ୍ରତ୍ୟୟ (ବଚନ ଚିହ୍ନ) + କ୍ରିୟା ବାଘକୁ ପଘା ନାହିଁ ।

(୫) ଏଥିରେ ଚତୁର୍ଥୀ ବିଭକ୍ତି ଚିହ୍ନ ଗ୍ରହଣ କରାଯାଏ ।

**ଉଦାହରଣ :**

(୧) ଭିକାରୀ କୁ ଅନ୍ନବସ୍ତ୍ର ଦାନ କର ।

ଏଠାରେ ଭିକାରୀକୁ ଦିଆଯାଉଥିବା 'ଅନ୍ନବସ୍ତ୍ର' ର ସଂପୂର୍ଣ୍ଣ ଅଧିକାରୀ ହିଁ ଭିକାରୀ । ତେଣୁ 'ଭିକାରୀକୁ' ପଦଟି ସଂପ୍ରଦାନ କାରକ ।

(୨) ଧୋବାକୁ ଲୁଗା ଦିଅ ।

ମଦନ, ତମୋ ବହିଟି ମୋତେ ଦିଅ ।

ଏହି ଦୁଇଟି ବାକ୍ୟରେ - 'ଦେବା' କ୍ରିୟାର ପ୍ରୟୋଗ ହୋଇଥିଲେ ମଧ୍ୟ 'ଦାନ' ଅର୍ଥ ବୁଝାଉନାହିଁ । ତେଣୁ 'ସଂପ୍ରଦାନ କାରକ' ନ ହୋଇ 'କର୍ମକାରକ' ହୋଇଛି ।

## (୫) ଅପାଦାନ କାରକ : (ପଞ୍ଚମୀ ବିଭକ୍ତି)

ମହର୍ଷି ପାଣିନିଙ୍କ ମତରେ "ଧ୍ରୁବମପାୟେତ ପାଦନା" ଅର୍ଥାତ୍ ଯେଉଁଠି ବିଚ୍ଛିନ୍ନ ହେବା ଧ୍ରୁବ ସତ୍ୟ, ପୁନଃ ସଂଯୁକ୍ତିର ପ୍ରଶ୍ନ ଉଠେ ନାହିଁ, ସେଠାରେ 'ଅପାଦାନ କାରକ' ହୁଏ ।

କ୍ରିୟାପଦ ଠାରୁ କୌଣସି ବସ୍ତୁ ଅନ୍ୟ ବସ୍ତୁଠାରୁ ପୃଥକ ବା ବିଚ୍ଛିନ୍ନ ହୋଇ ବୁଝାଗଲେ, ଯାହାଠାରୁ ପୃଥକ ହୋଇଥାଏ, ତାହାର 'ଅପାଦାନ କାରକ' ହୁଏ ।

**ଉଦାହରଣ :**

ହିମାଳୟରୁ ଗଙ୍ଗା ନିର୍ଗତ ହୋଇଅଛି ।

ଛାତରୁ ପାଣି ଗଳୁଛି ।

ଉପର ଦୁଇଟି ବାକ୍ୟରେ ହିମାଳୟରୁ 'ଗଙ୍ଗା' ନିର୍ଗତ ହେବାଦ୍ୱାରା ବିଚ୍ଛିନ୍ନ ଓ 'ଛାତରୁ' ପାଣି ଗଳିବା ଦ୍ୱାରା ଭାବ ପ୍ରତୀୟମାନ ହେଉଛି ।

ଏଥିରେ ବାକ୍ୟର କ୍ରିୟାପଦ ପୂର୍ବରୁ 'କାହାଠାରୁ' ବା 'କାହିଁରୁ' ସଂଯୋଗ ପୂର୍ବକ ପ୍ରଶ୍ନ ଆଗତ କଲେ, ଯେଉଁ ମିଳେ, ତାହାକୁ 'ସଂପ୍ରଦାନ କାରକ' ବୋଲି ଜଣାଯାଏ ।

ଏଥିରେ 'ପଞ୍ଚମୀ ବିଭକ୍ତି ଚିହ୍ନ'ର ବ୍ୟବହାର ହୋଇଥାଏ ।

**ବିଭିନ୍ନ ପ୍ରୟୋଗ କ୍ଷେତ୍ର ଭିତ୍ତିରେ ବ୍ୟବହାର :**

**(୧) ଉତ୍ପତ୍ତି :**

ପାଳରୁ ଛତୁ ଫୁଟେ

ପଙ୍କରୁ ପଦ୍ମର ଜନ୍ମ ।

**(୨) ଆରମ୍ଭ :**

ପହିଲି - ଆଷାଢ଼ ରୁ ମୁଁ ଚାଷକାର୍ଯ୍ୟ ଆରମ୍ଭ କରିଛି ।

ବହିଟିର ମୂଳରୁ ଚୂଳ ଯାଏ ପ୍ରମାଦ ରହିଛି ।

**(୩) ବିରତି :**

ପାପକାର୍ଯ୍ୟରୁ ବିରତ ହୁଅ ।

ଛାତ୍ରମାନେ ଆନ୍ଦୋଳନରୁ ବିରତ ହେଲେ ।

**(୪) ରକ୍ଷା :**

ଭଗବାନ ମୋତେ ବିପଦରୁ ରକ୍ଷା କଲେ ।

ଈଶ୍ୱର ଧାର୍ମିକଙ୍କୁ ବିପଦରୁ ରକ୍ଷା କରନ୍ତି ।

**(୫) ମୁକ୍ତି :**

ଶ୍ରମିକମାନେ ଶୋଷଣରୁ ମୁକ୍ତି ପାଇଁ ସଂଗ୍ରାମ କରିବା ଉଚିତ୍ ।

ଭଗବାନ ମୋତେ ଭବବନ୍ଧନରୁ ମୁକ୍ତ କରନ୍ତୁ ।

**(୬) ପରାଜୟ :**

ସବୁବେଳେ ଗୁରୁ ଶିଷ୍ୟଠାରୁ ପରାଜୟ ଇଚ୍ଛା କରନ୍ତି ।

**(୭) ଅନ୍ତର୍ଦ୍ଧାନ :**

ଚାହୁଁ ଚାହୁଁ ଚିଲିକାର ମନଲୋଭା ଦୃଶ୍ୟରାଜି ମୋର ଦୃଷ୍ଟିପଥରୁ ଅନ୍ତର୍ହିତ ହେଲା ।

**(୮) ନିବାରଣ :**

ବନ୍ଧୁ ବନ୍ଧୁଙ୍କୁ କୁମାର୍ଗରୁ ନିବାରଣ କରିବା ଉଚିତ୍ ।

## (୬) ଅଧିକରଣ କାରକ :

କର୍ତ୍ତା ଓ କର୍ମ ସଂପର୍କୀୟ କାର୍ଯ୍ୟ ଯେଉଁ ସ୍ଥାନରେ ବା ସମୟରେ ବା ବିଷୟରେ ସାଧିତ ହୁଏ, ସେଠାରେ 'ଅଧିକରଣ କାରକ' ହୁଏ ।

ଉଦାହରଣ :

(୧) ନଦୀକୂଳରେ ଶୀତଳ ପବନ ବହେ ।

(୨) ଶରତ ଋତୁରେ ଆକାଶ ନିର୍ମଳ ଦିଶେ ।

ଏଠାରେ 'ବହେ' କ୍ରିୟାର ସ୍ଥାନ = ନଦୀକୂଳ

ଏଠାରେ 'ଦିଶେ' କ୍ରିୟାର ସ୍ଥାନ = ଶରତ ଋତୁ ।

ସୁତରାଂ 'ନଦୀକୂଳ' ଓ 'ଶରତ ଋତୁ' ଦୁଇଟି ପଦ ଅଧିକାରଣ କାରକ ହୋଇଛି ।

ଏଥିରେ '୭ମୀ ବିଭକ୍ତି' ଚିହ୍ନର ବ୍ୟବହାର ହୋଇଥାଏ ।

ଏହା ୪ଟି ଭାଗରେ ବିଭକ୍ତ ଯଥା : ସ୍ଥାନାଧିକରଣ, କାଳାଧିକରଣ, ଭାବାଧିକରଣ ଓ ବିଷୟାଧିକରଣ ।

**ବିଭିନ୍ନ ଅଧିକରଣ କାରକ ପରିଚୟ :**

**ଅଧିକରଣ କାରକ**

- (୧) ସ୍ଥାନାଧିକରଣ
- (୨) କାଳାଧିକରଣ
- (୩) ଭାବାଧିକରଣ ବା ଅବସ୍ଥାବାଚକ
- (୪) ବିଷୟାଧିକରଣ

**ବିଶ୍ଳେଷଣ :**

**(୧) ସ୍ଥାନାଧିକରଣ :**

ଯେଉଁ ପଦ ଦ୍ୱାରା କ୍ରିୟା ସାଧିତ ବା ସଂପନ୍ନ ହେଉଥିବା 'ସ୍ଥାନ' ସୂଚିତ ହୁଏ – ଯଥା :

ପୁରୀରେ ଶ୍ରୀମନ୍ଦିର ଅବସ୍ଥିତ ।

ପକ୍ଷୀଟି ବୃକ୍ଷ (ଡାଳ) ରେ ବସିଅଛି ।

**(୨) କାଳାଧିକରଣ :**

ଯେଉଁ ପଦଦ୍ୱାରା କ୍ରିୟା ସାଧିତ ବା ସଂପନ୍ନ ହେବାର 'ସମୟ' ସୂଚିତ ହୁଏ । ଯଥା :

ଡିସେମ୍ବର ମାସରେ ରାଜଧାନୀ ପୁସ୍ତକମେଳା ଅନୁଷ୍ଠିତ ହୁଏ ।

କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୁଏ ।

**(୩) ଭାବାଧିକରଣ :**

ଭାବ ବାଚକ ବା ଅବସ୍ଥାବାଚକ ବିଶେଷ୍ୟ ପଦ ଅଧିକରଣ କାରକ ହେଲେ, ତାକୁ 'ଭାବାଧିକରଣ' କୁହାଯାଏ । ଯଥା :

ସଂପଦକାଳେ ସର୍ବେ ସଖା, ବିପଦ ନ ଦିଅନ୍ତି ଦେଖା, ଏଠାରେ – 'ସଂପଦ' ଓ 'ବିପଦ' ଅବସ୍ଥାବାଚକ ବିଶେଷ୍ୟ । ଭାବର ଅର୍ଥ 'ଅବସ୍ଥା' । ଅବସ୍ଥାବାଚକ 'ସଂପଦ' ଓ 'ବିପଦ' ସ୍ଥାନରେ ସପ୍ତମୀ ବିଭକ୍ତି ହୋଇଥିବାରୁ ଏହାକୁ 'ଭାବାଧିକରଣେ ସପ୍ତମୀ' ମଧ୍ୟ କୁହାଯାଏ ।

**(୪) ବିଷୟାଧିକରଣ :**

ଯେଉଁ ପଦରୁ କ୍ରିୟା ସାଧିତ ହେବାର ବିଷୟ ସମ୍ବନ୍ଧରେ ସୂଚନା ମିଳେ, ତାହାର ବିଷୟାଧିକରଣ ହୁଏ । ଯଥା :

ମଧୁସୂଦନ ଓକିଲାତି ପାଠାରେ ଜଣେ ଦକ୍ଷ ପୁରୁଷ ଥିଲେ ।

ଡକ୍ଟର ରାଧାକୃଷ୍ଣ ଦର୍ଶନ ଶାସ୍ତ୍ରରେ ଜଣେ ଜ୍ଞାନୀ ବ୍ୟକ୍ତି ।

**ପ୍ରାୟୋଗିକ ଦୃଷ୍ଟିକୋଣରୁ ଅଧିକରଣ କାରକ :**

(୧) କେତେକ କ୍ଷେତ୍ରରେ ଭାବ, ନିର୍ଦ୍ଧାରଣ ଓ ପ୍ରୟୋଜନ ଅର୍ଥରେ କ୍ରିୟା ସାଧନାରେ ସହଯୋଗ କରୁଥିବା ପଦରେ 'ଅଧିକରଣ କାରକ' ହୁଏ । ଯଥା :

ଉଦାହରଣ : ହେତୁଗତ ଅର୍ଥରେ : ସଞ୍ଜହେଲେ ମନ୍ଦିରରେ ଘଣ୍ଟ ବାଜେ ।

**ଭାବଗତ ଅର୍ଥରେ** : ପୂର୍ଣ୍ଣିମାରେ ସମୁଦ୍ରରେ ଜୁଆର ବଢ଼େ ।

**ନିର୍ଦ୍ଧାରଣ ଅର୍ଥରେ :** କଳା ଭିତରେ ଭାସ୍କର୍ଯ୍ୟ କଳା ପୁରାତନ ।

**ପ୍ରୟୋଜନ ଅର୍ଥରେ :** ଶ୍ୱଶୁର ଘରେ ଦୁଇଦିନ ରହିବାକୁ ପଡ଼ିଲା ।

(୨) ପ୍ରୟୋଗ ଦୃଷ୍ଟିରୁ ଅଧିକରଣ କାରକ ଏକ ବଚନରେ ବିଶେଷ୍ୟ ପଦ + ପ୍ରତ୍ୟୟ ଅନୁସାରେ ପ୍ରକାଶିତ ହୋଇଥାଏ ।

ଏକ ବଚନରେ : ରେ, ଠାରେ, ଏ, ଠେଇଁ, ଠି

ବହୁବଚନରେ : ୟେ, ମାନଙ୍କଠି, ମାନଙ୍କ, ଠେଇଁ, ଗୁଡ଼ିକରେ, ଗୁଡ଼ାକରେ ଇତ୍ୟାଦି ପ୍ରତ୍ୟୟ ବିଶେଷପଦର ପରେ ଯୋଗ ହୋଇଥାଏ ।

ଯଥା : ରାଜା + ୟେ = ରାଜାୟେ

ଆସନ + ରେ = ଆସନରେ

ବଜାର + ଠି = ବଜାରଠି

ଘର + ଠି = ଘରଠି

ଗାଁ ବାଲାଙ୍କ + ଠାରେ = ଗାଁ ବାଲାଙ୍କ ଠାରେ

ମୋ + ଠେଇଁ = ମୋଠେଇଁ

ପୋଖରୀ + ଗୁଡ଼ାକ = ପୋଖରୀଗୁଡ଼ାକ

(୩) ଏଥିରେ ପ୍ରତ୍ୟୟ ରୂପେ – ଟାରେ, ପାଖରେ, ଆଡ଼ରେ, ଆଡ଼େ, ବାଗେ, ଉପରେ, ତଳେ, ପଛରେ, ମଝିରେ, କଡ଼ରେ, ଶେଷରେ, ଆଗରେ, ଭଲରେ, ମନ୍ଦରେ, ଅଳପରେ ଆଦି ଅବ୍ୟୟ ଓ ଭାବସୂଚକ ପଦ ଲାଗି କାରକୋଚିତ ଅର୍ଥ ପ୍ରକାଶିତ କରିଥାନ୍ତି । ଯଥା :

ଆମ ଘରଆଡ଼େ ଆସ ।

ଗଛ ତଳେ ରହିଯାଅ ।

ଗାଁ ଏ ମୁଣ୍ଡରେ ମୋର ଘର ।

ତାଙ୍କ ପାଖେ ରହିଯାଅ ।

ତୁମର ମୋଠାରେ କିଛି କାମ ନାହିଁ ।

ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ କୁହାଯାଇପାରେ – 'କାରକ' ହେଉଛି କ୍ରିୟା ଅନ୍ୱୟମୂଳକ (ବାକ୍ୟରେ) ଅର୍ଥ ନିଷ୍ପନ୍ନ ପଦ, ବାକ୍ୟରେ କାରକ ହିଁ ଅର୍ଥ ସୃଷ୍ଟି କରେ ଏବଂ କ୍ରିୟାର ଆଧାର ବା ସାଧକ ଭାବରେ ଭୂମିକା ନିର୍ବାହ କରେ ।

**କାରକର ଭୂମିକା :**

(୧) ଏହା କ୍ରିୟା ସଂପନ୍ନ କରେ ଏବଂ କ୍ରିୟା ସହିତ ଏହାର ସମ୍ବନ୍ଧ ସୂଚାଏ ।

(୨) ଏହା କର୍ମର ଆଧାର ଓ କ୍ରିୟାର ଇପ୍‌ସିତ ସାଧକ ଭାବରେ ଦାୟିତ୍ୱ ସଂପାଦନ କରେ ।

(୩) ଏହା କ୍ରିୟାର ସମ୍ବନ୍ଧକୁ ବ୍ୟବସ୍ଥା ପଦ ସହିତ ଉଦ୍ଦେଶ୍ୟମୂଳକ କରିଥାଏ ।

(୪) ଏହା କ୍ରିୟାର ବିଚ୍ୟୁତି ସାଧନ କାର୍ଯ୍ୟ କରେ ।

(୫) ଏହା କର୍ତ୍ତା, କର୍ମ ଅପେକ୍ଷା କାଳ ଓ ଦେଶ ଭିତରେ କ୍ରିୟାର ଆଧାର ହୋଇ ଅର୍ଥ ନିଷ୍ପାଦନ କରେ ।

(୬) ଏହା କ୍ରିୟାନୁସାରେ ବାକ୍ୟ ମଧ୍ୟରେ ବିଭିନ୍ନ ପଦଗୁଡ଼ିକରେ ବିଭକ୍ତି ରୂପରେ ବ୍ୟବହାର ହୋଇଥାଏ । ଭିନ୍ନ ଭିନ୍ନ କାରକରେ ଭିନ୍ନ ଭିନ୍ନ ବିଭକ୍ତିରେ ପ୍ରୟୋଗ ହୋଇଥାଏ ।[୩]

# ବିଭକ୍ତି

'ବିଭକ୍ତି' ଶବ୍ଦଟି 'ବି' ଉପସର୍ଗ 'ଭଜ୍' ଧାତୁରୁ 'ତି' ପ୍ରତ୍ୟୟ ଯୋଗେ ଗଠିତ । ଯାହାର ଅର୍ଥ ହେଉଛି ବିଭାଗ ବା ବଣ୍ଟନ । ତେଣୁ ବାକ୍ୟରେ ପଦଗୁଡ଼ିକୁ ବିଭକ୍ତ କରିବାରେ ଯେଉଁ ଚିହ୍ନ ବା ସଂକେତଗୁଡ଼ିକ ସହାୟତା କରିଥାନ୍ତି, ସେଗୁଡ଼ିକୁ 'ବିଭକ୍ତି ଚିହ୍ନ' କୁହାଯାଏ । ଅତଏବ **ସାଧାରଣ ଶବ୍ଦକୁ ଯେଉଁ ଚିହ୍ନ ବା ସଂକେତ ବଚନ, କାରକ ଓ ସମ୍ବନ୍ଧ ପଦରେ ରୂପାନ୍ତରିତ କରି ବାକ୍ୟଯୋଗ୍ୟ କରିଥାଏ, ତାହାକୁ 'ବିଭକ୍ତି' କୁହାଯାଏ ।**

ଉଦାହରଣ : ଗଛରୁ ଫଳଗୁଡ଼ିକ ମାଟିରେ ପଡ଼ିଲା ।

ଏଠାରେ 'ଗଛ' ସହିତ 'ରୁ', 'ଫଳ' ସହିତ ଗୁଡ଼ିକ, 'ମାଟି' ସହିତ 'ରେ' ଚିହ୍ନ ବା ବର୍ଣ୍ଣ ମିଶିକରି ରହିଛି, 'ରୁ' ଯୋଗରେ (୧) 'ଗଛ' ପଦଟି ଏକବଚନ – ଅପାଦାନ କାରକ

(୨) ଗୁଡ଼ିକ ଯୋଗେ 'ଫଳ' ପଦଟି ବହୁବଚନ – କର୍ତ୍ତାକରକ ।

(୩) 'ରେ' ଯୋଗରେ 'ମାଟି' ପଦଟି ଏକବଚନ – ଅଧିକରଣ କାରକ ହୋଇଛି ।

**ବିଶେଷତ୍ୱ :**

(୧) ବିଭକ୍ତି ଦ୍ୱାରା 'ସମ୍ବନ୍ଧ ପଦ' ଜାଣିହୁଏ – ଯଥା : ଶିଶୁଟିର ବଚନ ମଧୁର ।

ଏଠାରେ 'ଶିଶୁଟି' ପଦରେ 'ର' ବିଭକ୍ତି ଚିହ୍ନ ଲାଗିଛି, ଯାହାଦ୍ୱାରା 'ଶିଶୁ' ଓ 'ବଚନ' ପଦଦ୍ୱୟ ମଧ୍ୟରେ ସମ୍ବନ୍ଧ ସୂଚିତ ହେଉଛି ।

(୨) ମାନେ, କୁ, ମାନଙ୍କୁ, ରେ, ଦ୍ୱାରା ପ୍ରଭୃତି ଚିହ୍ନ ଗୁଡ଼ିକ ବାକ୍ୟସ୍ଥ ଗୋଟିଏ ପଦକୁ ଅନ୍ୟ ପଦଠାରୁ ବିଭକ୍ତ ବା ପୃଥକ କରିଥାନ୍ତି । ଯଥା :

ଭାରତର ଉତ୍ତରରେ ହିମାଳୟ ଅବସ୍ଥିତ ।

ଏଠାରେ 'ଭାରତ' ସହିତ 'ର' । ଉତ୍ତର ସହିତ 'ରେ' ବିଭକ୍ତି ଯୁକ୍ତ ହୋଇଛି । ଫଳରେ 'ଭାରତର' ପଦଟି 'ଉତ୍ତରରେ' ପଦଠାରୁ ପୃଥକ ହୋଇଛି, ପୁଣି 'ଉତ୍ତରରେ' ପଦଟି ମଧ୍ୟ 'ହିମାଳୟ' ପଦକୁ ଅଲଗା କରୁଛି ।

(୩) କେତେକ କ୍ଷେତ୍ରରେ ବାକ୍ୟରେ ଥିବା ପଦଗୁଡ଼ିକୁ ପୃଥକ ବା ବିଭକ୍ତ କରିବା ପାଇଁ ପ୍ରତ୍ୟେକ ପଦରେ ବିଭକ୍ତି ଚିହ୍ନ ଲାଗିବା ବାଧ୍ୟତାମୂଳକ ନୁହେଁ । ଯଥା :

ପିଲା କ୍ଷୀର ପିଉଛି ।

ସେମାନେ କଟକ ଯାଉଛନ୍ତି ।

(୪) ସାଧାରଣତଃ ପ୍ରଥମା ଓ ଦ୍ୱିତୀୟା ବିଭକ୍ତି ଏକବଚନରେ କୌଣସି ବିଭକ୍ତି ଚିହ୍ନ ନଥାଏ, ମାତ୍ର କ୍ରିୟା ସହିତ ସମ୍ବନ୍ଧ ରଖି ପଦଟିର କାରକ ଓ ବଚନ ସୂଚିତ କରିଥାଏ । ଏପରି କ୍ଷେତ୍ରରେ ବିଭକ୍ତି ଉହ୍ୟ ରୂପରେ ଥାଏ ।

(୫) ଶବ୍ଦରେ ଯେପରି ବିଭକ୍ତି ଚିହ୍ନ ଲାଗିଥାଏ, ଧାତୁରେ ମଧ୍ୟ ସେପରି ବିଭକ୍ତି ଚିହ୍ନ ଲାଗିଥାଏ । ଯଥା:–

ପିଲାଟି ହସିଲା ।

ଏଥିରେ 'ପିଲା' ଶବ୍ଦଟି ସହିତ 'ଟି' ବିଭକ୍ତି ଯୋଗ ହୋଇଛି । ତେଣୁ 'ଟି' ଟି ହେଉଛି ଶବ୍ଦ ବିଭକ୍ତି ଓ 'ହସିଲା' କ୍ରିୟାପଦଟି ହସ୍ (ଧାତୁ) + ଇଲା), ଅର୍ଥାତ୍ 'ଇଲା' ଟି କ୍ରିୟା ବିଭକ୍ତି ରୂପେ ପରିଚିତ ।

ବିଭକ୍ତିର ବିଭାଗୀକରଣ :

ବିଭକ୍ତି

(୧) ଶବ୍ଦ ବିଭକ୍ତି　　　　　　　　　　କ୍ରିୟା ବିଭକ୍ତି

**ବିଶ୍ଳେଷଣ :**

**(୧) ଶବ୍ଦ ବିଭକ୍ତି :**

(କ) ଶବ୍ଦରେ ଯୋଗ ହୋଇ ଯେଉଁ ବିଭକ୍ତି ଚିହ୍ନ ବାକ୍ୟର ବଚନ, କାରକ ଓ ଅଣକାରକ ପଦକୁ ସୂଚାଇଥାଏ -ତାହାକୁ 'ଶବ୍ଦ ବିଭକ୍ତି' କୁହାଯାଏ । ଶବ୍ଦକୁ ବାକ୍ୟ ସହିତ ସମ୍ବନ୍ଧ ସୃଷ୍ଟି କରିବା ଦିଗରେ ଏହି ବିଭକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

(ଖ) ବିଭକ୍ତି ସଂପୃକ୍ତ କାରକ ଓ ଅଣକାରକ ପଦ ଭିତ୍ତିରେ ଏହାକୁ ସାତଟି ଭାଗରେ ବିଭାଗୀକରଣ କରାଯାଇଛି । ଏହିପରି :

| **କାରକ** | **ଶବ୍ଦ ବିଭକ୍ତି** |
|---|---|
| କର୍ତ୍ତାକାରକ | ପ୍ରଥମା ବିଭକ୍ତି |
| କର୍ମକାରକ | ଦ୍ୱିତୀୟା ବିଭକ୍ତି |
| କରଣ କାରକ | ତୃତୀୟା ବିଭକ୍ତି |
| ସଂପ୍ରଦାନ କାରକ (ନିମିତ୍ତ କାରକ) | ଚତୁର୍ଥୀ ବିଭକ୍ତି |
| ଅପାଦାନ କାରକ | ପଞ୍ଚମୀ ବିଭକ୍ତି |
| ସମ୍ବନ୍ଧ ପଦ (ତୀର୍ଯକ୍ ସମ୍ବନ୍ଧ) | ଷଷ୍ଠୀ ବିଭକ୍ତି |
| ଅଧିକରଣ କାରକ | ସପ୍ତମୀ ବିଭକ୍ତି |
| ସମ୍ବୋଧନ (ଅଣକାରକ ପଦ) | ପ୍ରଥମା ବିଭକ୍ତି |

**ଓଡ଼ିଆ ଭାଷାରେ ପୁରୁଷ ସୂଚକ ଏକବଚନ ଓ ବହୁବଚନ ଭେଦରେ ଶବ୍ଦ ବିଭକ୍ତି ପ୍ରତ୍ୟୟ :**

| କାରକ | ବିଭକ୍ତି | ଏକବଚନ | ବହୁବଚନ |
|---|---|---|---|
| କର୍ତ୍ତା | ପ୍ରଥମା | ଏ, ଟିଏ, ଟା, ଟାଏ, ଟି, ଏ, ମାନେ | ମାନେ, ଗୁଡ଼ିଏ, ଗୁଡ଼ାକ, ଗୁଡ଼ିକ |
| କର୍ମ | ଦ୍ୱିତୀୟା | କଇ, କୁଇ, କୈ, କେ, କୁ, ଙ୍କୁ, କି, ଙ୍କି, ଟିକୁ, ଠାକୁ, ଠିକୁ, ଠିକି, ତେ, ନ୍ତି | ଙ୍କୁ, ମାନଙ୍କୁ, ଗୁଡ଼ାକୁ, ଗୁଡ଼ିକୁ, ମାନଙ୍କଠାକୁ । |
| କରଣ | ତୃତୀୟା | ଦ୍ୱାରା, ରେ, କର୍ତ୍ତୃକ, ଦେଇ, ଏଣ, ରେଣ, ଏଁ | ମାନଙ୍କଦ୍ୱାରା, ମାନଙ୍କଦେଇ |
| ସଂପ୍ରଦାନ | ୪ର୍ଥୀ | କୁ, ଙ୍କୁ, କି, ଙ୍କି, କଇ, ପାଇଁ, ସକାଶେ, ନିମିତ୍ତ, ନିମନ୍ତେ ଉଦ୍ଦେଶ୍ୟ, ସକାସେ ଯୋଗୁ | ଙ୍କୁ, ମାନଙ୍କୁ, ମାନଙ୍କ ପାଇଁ, ମାନଙ୍କ ଯୋଗୁଁ, ଗୁଡ଼ିକ, ଗୁଡ଼ିଏକୁ |

| କାରକ | ବିଭକ୍ତି | ଏକବଚନ | ବହୁବଚନ |
|---|---|---|---|
| ଅପାଦାନ | ୫ମୀ | ରୁ, ଠାରୁ, ଠୁ, ଠଉଁ, ତହୁଁ, ଉ, ଉଁ, ହୁଁ | ଗୁଡ଼ିକଠୁଁ, ଗୁଡ଼ିକରୁ, ମାନଙ୍କଠଉ |
| ଅପାଦାନ | ୬ଷ୍ଠୀ | ଟାରୁ, ଟିରୁ, ସୁଁ, ଥାଉ, ଠିଁ<br>ର, ଙ୍କ, ଙ୍କର, ଙ୍କରି, ରି, ଟିର, ଟାର,<br>ଗୁଡ଼ିକର, ଗୁଡ଼ାକର | ଙ୍କ, ଙ୍କର, ମାନଙ୍କର, ମାନଙ୍କ |
| ଅଧିକରଣ | ସପ୍ତମୀ | ଏ, ରେ, ଟାରେ, ଟିରେ, ଠାରେ, ଠାଇଁ,<br>ଠି, ଠେଇଁ, ତହିଁ | ମାନଙ୍କରେ, ମାନଙ୍କଠାରେ, ମାନଙ୍କ ପାଇଁ<br>ମାନଙ୍କଠି, ଗୁଡ଼ିକରେ, ଗୁଡ଼ାଏ,<br>ଗୁଡ଼ାଙ୍କଠାରେ । |
| | ସମ୍ବୋଧନେ<br>ପ୍ରଥମା | ଏ, ୟେ, ହେ, ଆଗୋ, ଆଲୋ, ଆହେ,<br>ଲୋ, ଭୋ | ଆହୋ, ଏ, ୟେ, ମାନେ, ଗଣ, ବୃନ୍ଦେ |

ଏତଦ୍‌ଭିନ୍ନ ଚଳନ୍ତି ଓଡ଼ିଆ ଭାଷାରେ ପ୍ରତି, ବ୍ୟତୀତ, ଛଡ଼ା, ବିନା, ସହକାରେ, ସହ, ସହିତ, ଯୋଗୁଁ, ଅପେକ୍ଷା, ନିକଟ, ପାଖ ଇତ୍ୟାଦି ପଦଗୁଡ଼ିକ ମଧ୍ୟ ପ୍ରତ୍ୟକ୍ଷ ବିଭକ୍ତି ରୂପେ ବ୍ୟବହାର ହୋଇଥାଏ । ଏହାକୁ 'ଅନୁସର୍ଗାତ୍ମକ / ପରସର୍ଗ ବିଭକ୍ତି' କୁହାଯାଏ । ଯଥା :

ଶ୍ୟାମ ମଧୁ <u>ନିକଟକୁ</u> ଏବେ ଗଲା ।

କଟକ <u>ଅପେକ୍ଷା</u> ଭୁବନେଶ୍ୱର ଅଧିକ ଗହଳି ।

ଜାତି <u>ନିମିତ୍ତ</u> ସୈନିକ ଜୀବନ ଦିଏ ।

ତୁମ <u>ଯୋଗୁ</u> ଏ କାମ ହୋଇପାରିଲା ନାହିଁ ।

ତୁମ <u>ବିନା</u> ମୁଁ କିପରି ଚଳିବି । ଇତ୍ୟାଦି ।

**ଓଡ଼ିଆଶବ୍ଦ ବିଭକ୍ତିର ନମୁନା ରୂପ :**

**(କ) ବିଶେଷ୍ୟ 'ପିଲା' :**

| ବିଭକ୍ତି | → | ଏକବଚନ | → | ବହୁବଚନ |
|---|---|---|---|---|
| ପ୍ରଥମା | → | ପିଲା/ ପିଲାଟି / ପିଲାଟା | → | ପିଲେ / ପିଲାମାନେ / ପିଲାଏ |
| ଦ୍ୱିତୀୟା | → | ପିଲାକୁ / ପିଲାଟାକୁ / ପିଲାଟିକୁ | → | ପିଲାଙ୍କୁ / ପିଲାମାନଙ୍କୁ |
| ତୃତୀୟା | → | ପିଲାଦ୍ୱାରା / ପିଲାଦେହି / ପିଲାଟି ଦ୍ୱାରା | → | ପିଲାଙ୍କ ଦ୍ୱାରା / ପିଲାମାନଙ୍କ ଦେହି / ପିଲାଙ୍କ ଦେହି |
| ଚତୁର୍ଥୀ | → | ପିଲା ପାଇଁ / ପିଲାଟି ନିମିତ୍ତ /<br>ପିଲା ସକାସେ / ପିଲାଟି ଲାଗି | → | ପିଲାଙ୍କ ପାଇଁ / ପିଲାମାନଙ୍କ ନିମନ୍ତେ /<br>ପିଲାଙ୍କ ସକାସେ / ପିଲାମାନଙ୍କ ଲାଗି |
| ପଞ୍ଚମୀ | → | ପିଲାଠାରୁ / ପିଲାଠୁଁ / ପିଲାଟାଠଉଁ | → | ପିଲାମାନଙ୍କ ଠାରୁ / ପିଲାମାନଙ୍କଠୁଁ / ପିଲାଙ୍କଠଉଁ |
| ଷଷ୍ଠୀ | → | ପିଲାର / ପିଲାଟାର / ପିଲାଟିର | → | ପିଲାଙ୍କ / ପିଲାଙ୍କର / ପିଲାମାନଙ୍କର |
| ସପ୍ତମୀ | → | ପିଲାଠାରେ / ପିଲାଠିଁ / ପିଲାଟାଠାରେ<br>ପିଲାଟା ଠାଇଁ | → | ପିଲାଙ୍କ ଠାରେ / ପିଲାଙ୍କଠିଁ, ପିଲାଙ୍କ ଠାଇଁ,<br>ପିଲାମାନଙ୍କ ଠାରେ |
| ସମ୍ବୋଧନ | → | ହେ ପିଲା / ଏ ପିଲା | → | ପିଲାଏ ! ହେ ପିଲାମାନେ |

(ଖ) ସର୍ବନାମ ସୂଚକ-ଶବ୍ଦ ରୂପ - 'ଯିଏ' :

| ବିଭକ୍ତି | → ଏକବଚନ | → ବହୁବଚନ |
|---|---|---|
| ପ୍ରଥମା | → ଯେ / ଯିଏ / ଯେଉଁଟା | → ଯେଉଁମାନେ / ଯେଉଁଗୁଡ଼ିକ / ଯୋଉଗୁଡ଼ିକ |
| ଦ୍ୱିତୀୟା | → ଯାହାକୁ / ଯାହାଙ୍କୁ | → ଯାହାଙ୍କୁ / ଯେଉଁମାନଙ୍କୁ / ଯେଉଁଗୁଡ଼ିକ |
| ତୃତୀୟା | → ଯାହାଦ୍ୱାରା / ଯାହାଦେଇ | → ଯାହାଙ୍କ ଦ୍ୱାରା / ଯେଉଁମାନଙ୍କ ଦେହି |
| ଚତୁର୍ଥୀ | → ଯା ପାଇଁ / ଯାହାପାଇଁ / ଯାହା ସକାସେ ଯେଉଁଗୁଡ଼ିକୁ | → ଯାହାଙ୍କ ପାଇଁ / ଯେଉଁମାନଙ୍କ ନିମିତ୍ତ / |
| ପଞ୍ଚମୀ | → ଯେଉଁ ନିମନ୍ତେ / ଯେଉଁ ଲାଗି | → ନିମନ୍ତେ / ଯେଉଁମାନଙ୍କ ସକାସେ |
| ଷଷ୍ଠୀ | → ଯାହାର / ଯାହାଙ୍କର / ଯାହାରି ଯେଉଁମାନଙ୍କ / ଯେଉଁଗୁଡ଼ିକର | → ଯାହାଙ୍କ / ଯାହାଙ୍କର / ଯେଉଁମାନଙ୍କର / |
| ସପ୍ତମୀ | → ଯାହାଠାରେ / ଯାହାଠି / ଯାହାଠେଇଁ / ଯାହାଠାଇଁ | → ଯାହାଙ୍କଠାରେ / ଯାହାଙ୍କଠି / ଯେଉଁଠାରେ / ଯେଉଁମାନଙ୍କ ଠାରେ |

ଏଠାରେ ଉଲ୍ଲେଖ କରାଯାଇପାରେ - ମନୁଷ୍ୟ, ଦେବତା, ସମ୍ମାନସୂଚକ ଜାତିବାଚକ ବିଶେଷ୍ୟ ଶବ୍ଦରେ ଗୁଡ଼ାକ, ଗୁଡ଼ିକ, ଟା, ସବୁ ଇତ୍ୟାଦି ବିଭକ୍ତି ଚିହ୍ନ ପ୍ରାୟତଃ ଯୋଗ ହୁଏ ନାହିଁ, କେବଳ ଏ ସବୁ ବସ୍ତୁବାଚକ ବା ଇତର ପ୍ରାଣୀ ବାଚକ ବିଶେଷ୍ୟ / ସର୍ବନାମ ପଦରେ ସଂଯୋଗ ହୁଏ । ପ୍ରାଣୀବାଚକ ଶବ୍ଦ କ୍ଷେତ୍ରରେ ଏଗୁଡ଼ିକ ଅନାଦର ଅର୍ଥ ପ୍ରଦାନ କରେ ।

**ଓଡ଼ିଆ ମୌଳିକ ବିଭକ୍ତି ପ୍ରତ୍ୟୟଗୁଡ଼ିକର ଉତ୍ସ ଅନୁସନ୍ଧାନ :**

**(କ) ପ୍ରଥମା ବିଭକ୍ତି :**

**ଏକବଚନ ଚିହ୍ନ - ଏ :** ଏହି ବିଭକ୍ତି ଚିହ୍ନଟି ଓଡ଼ିଆରେ 'ଏଭିଃ' ପ୍ରତ୍ୟୟ ଏବଂ ଏନ / ଏଣ / ଅନ୍ ପ୍ରତ୍ୟୟରୁ ଉତ୍ପନ୍ନ ।

ଏଭିଃ > ଏହି > ଏଇ > ଏ / ୟେ (ବାଳକେ / ରାଜାୟେ / ହାତେ / ପିଲାଏ / ଜନେ ।

**ମାନ୍ୟାର୍ଥ ଏକବଚନରେ :** ମିଶ୍ର + ଏ = ମିଶ୍ରେ, ଦାସ + ଏ = ଦାସେ

**ବହୁବଚନରେ :** ପିଲା + ଏ = ପିଲାଏ, ଲୋକ + ଏ = ଲୋକେ

**ସମ୍ବୋଧନ ବାଚକରେ :** ଆପଣ + ଏ = ଆପଣେ, ମହାନ୍ତି + ଏ = ମହାନ୍ତିଏ

**ଏଁ, - ଏଣେ :** ଓଡ଼ିଆ ଭାଷାରେ ଏହି ବିଭକ୍ତି ଚିହ୍ନ ତୃତୀୟା ଓ ସପ୍ତମୀ ବିଭକ୍ତିରେ ସଂଯୁକ୍ତ ହୁଏ । ଏହା ସଂସ୍କୃତର ଏନ, ଏଣ ଓ ଅନ୍ ପ୍ରତ୍ୟୟରୁ ଉତ୍ପନ୍ନ ।

ପୁସ୍ତକେନ / ପୁସ୍ତକେଁ / ପୁସ୍ତକେ / ହାତେଁ / ହାତେ ।

**ମାନ :** ସଂସ୍କୃତ ସମ୍ମାନ ସୂଚକ 'ମାନ୍ୟ' ଶବ୍ଦରେ ଥିବା 'ଯ' କାରରେ ଲୋପ ଘଟି ଓଡ଼ିଆରେ'ମାନ' ପ୍ରତ୍ୟୟର ସୃଷ୍ଟି ।

**ମାନେ :** ଏହା ଏକ ଯୌଗିକ ପ୍ରତ୍ୟୟ । 'ମାନ' ପ୍ରତ୍ୟୟ ସହିତ 'ଏ'ର ସଂଯୋଗ ଘଟି 'ମାନେ' ପ୍ରତ୍ୟୟର ସୃଷ୍ଟି ହୋଇଛି ।

**ଏଗୁଡ଼ିକ :** ଏହା ଏକ ଯୌଗିକ ପ୍ରତ୍ୟୟ 'ଗୁଡ଼ି' ଶବ୍ଦ ସହିତ ସ୍ୱାର୍ଥବାଚୀ 'କ' ଯୁକ୍ତ ହୋଇ 'ଗୁଡ଼ିକ' ପ୍ରତ୍ୟୟଟି ସୃଷ୍ଟି ହୋଇଛି । ମୂଳ 'ଗୁଡ଼ି' ଶବ୍ଦଟି କନ୍ଧ ଭାଷାର 'ଗୁଲି' (ବହୁ) ଶବ୍ଦରୁ ସୃଷ୍ଟି ବୋଲି ଡକ୍ଟର ବେଣୀମାଧବ ପାଢ଼ୀ ମତବ୍ୟକ୍ତ କରିଛନ୍ତି ।

**ଗୁଡ଼ାକ :** 'ଗୁଡ଼ି' ଶବ୍ଦ ସ୍ୱରାନ୍ତର (ଇ > ଆ)ରୂପ ଗ୍ରହଣ କରି 'ଗୁଡ଼ା'ରେ ପରିଣତ ହୋଇ ପରେ 'କ'ର ସଂଯୋଗ ଘଟି 'ଗୁଡ଼ାକ' ପ୍ରତ୍ୟୟର ସୃଷ୍ଟି ।

**ଗୁଡ଼ିଏ :** 'ଗୁଡ଼ି' ଶବ୍ଦ ସ୍ୱରାନ୍ତର ରୂପ ଗ୍ରହଣ କରିବା ପରେ 'ଗୁଡ଼ା'ରେ ପରିଣତ ହୋଇ ଏଥିରେ ମୂଳ ପ୍ରତ୍ୟୟ 'ଏ'ର ସଂଯୋଗ ଘଟି 'ଗୁଡ଼ିଏ / ଗୁଡ଼ାଏ' ସୃଷ୍ଟି ହୋଇଛି ।

**(ଖ) ଦ୍ୱିତୀୟା ବିଭକ୍ତି :**

**ଏକବଚନ : କଇ କହି :** ଏ ପ୍ରତ୍ୟୟଟିର ମୂଳ ହେଉଛି ଦ୍ରାବିଡ଼ ଭାଷାର 'କୈ' । ଏଥିରୁ 'କଇ' ପ୍ରତ୍ୟୟର ସୃଷ୍ଟି । ପୁଣି 'କଇ' ଅନ୍ତର୍ଗତ 'ଇ' ସ୍ୱର ଉପରେ ଜୋର ଦେବା ଫଳରେ ଏହା ମହାପ୍ରାଣ ବର୍ଣ୍ଣ 'ହି'ରେ ପରିଣତ ହୋଇଛି ।

**କୁ :** ଏହାର ମୂଳ ମଧ୍ୟ ଦ୍ରାବିଡ଼ ଭାଷାର ଚତୁର୍ଥୀ ବିଭକ୍ତି ଏକ ବଚନର ଚିହ୍ନ 'କୈ' ରୁ ସୃଷ୍ଟି । ଏଥିରୁ ଓଡ଼ିଆ ଦ୍ୱିତୀୟା ବିଭକ୍ତି ଏକବଚନର ଚିହ୍ନ 'କୁ' ର ସୃଷ୍ଟି ।

**କି :** ମୂଳ 'କଇ' ପ୍ରତ୍ୟୟ ଅନ୍ତର୍ଗତ 'କ' ଅକ୍ଷର ସ୍ଥିତ 'ଅ' ସ୍ୱରର ଲୋପ ଘଟି ତାହା (କ + ଇ) କି ରେ ପରିଣତ ହୋଇଛି ।

**ଙ୍କି :** ମୂଳ ବିଭକ୍ତି ପ୍ରତ୍ୟୟ 'କି'ର ପୂର୍ବରୁ ସମବର୍ଗୀୟ ଅନୁନାସିକ ଧ୍ୱନିର ଆଗମ ଘଟି ତାହା (ଙ୍ + କି)ଙ୍କିରେ ପରିଣତ ହୋଇଛି ।

**ଠାକୁ :** ଏହା ଏକ ଯୌଗିକ ପ୍ରତ୍ୟୟ । ସଂସ୍କୃତ 'ସ୍ଥାନ' ଶବ୍ଦରୁ ଏହାର ବ୍ୟୁତ୍ପତ୍ତି । ଯଥା : ସ୍ଥାନ > ଠାଣ > ଠାଅଁ > ଠାଁ > ଠାରେ ମୂଳ ଦ୍ୱିତୀୟା / ବିଭକ୍ତିର ଚିହ୍ନ 'କୁ' ଯୁକ୍ତ 'ଠାକୁ' ର ସୃଷ୍ଟି ହୋଇଛି ।

**ଏ :** ଏହା ଓଡ଼ିଆ ଭାଷାରେ କର୍ତ୍ତା ଓ କର୍ମର ଆକୃତିଗତ ସମାନତା ଫଳରେ ପ୍ରଥମା ବହୁବଚନର ଚିହ୍ନ 'ଏ' ଦ୍ୱିତୀୟାଏକବଚନର ଚିହ୍ନ ଭାବେ ବ୍ୟବହାର ହୋଇଥାଏ । ଏହା ପ୍ରାକୃତ ଭାଷାରୁ ସିଧା ଆହୃତ ।

**ବହୁବଚନ ଚିହ୍ନ :**

**ମାନଙ୍କୁ :** ମାନ (ପ୍ରଥମା ବିଭକ୍ତିରେ ଏହା ମୂଳ ଦର୍ଶାଯାଇଛି) + ଙ୍କୁ = ମାନଙ୍କୁ

**ମାନଙ୍କଠାକୁ :** ମାନ + ଙ୍କ (ଷଷ୍ଠୀ ବିଭକ୍ତିରେ ଏହାର ବ୍ୟୁତ୍ପତ୍ତି ନିର୍ଦ୍ଧାରିତ) + ଠାକୁ = ମାନଙ୍କଠାକୁ

**ଗୁଡ଼ିକୁ :** ଗୁଡ଼ି (ଶାବର ଗୁଲି) + କୁ = ଗୁଡ଼ିକୁ

**ଗୁଡ଼ାକୁ :** ଗୁଡ଼ା + କୁ = ଗୁଡ଼ାକୁ

**(ଗ) ତୃତୀୟା / ବିଭକ୍ତି :**

**ଏକବଚନ : ଏ :** ଏହା ସଂସ୍କୃତ ତୃତୀୟା ବିଭକ୍ତି ଏକବଚନର ଚିହ୍ନ 'ଏନ'ରୁ ପ୍ରାକୃତ ବାଟ ଦେଇ ଓଡ଼ିଆରେ 'ଏ' ହୋଇଛି । ସଂ - ହସ୍ତେନ (ଏନ) > ପ୍ରା : ହତ୍ଥେଣ (ଏଣ) > ହାଥେଁ / ହାଥେ > ହାତେ (ଏ) ।

**ରେ :** ଏହା ଏକ ଯୌଗିକ ପ୍ରତ୍ୟୟ । ଷଷ୍ଠୀ ବିଭକ୍ତିର ଏକବଚନରେ ବ୍ୟବହୃତ ମୂଳ ପ୍ରତ୍ୟୟ 'ର' ସହିତ ତୃତୀୟା ବିଭକ୍ତିର ମୂଳ ପ୍ରତ୍ୟୟ 'ଏ' ସହିତ ମିଶି 'ରେ' ପ୍ରତ୍ୟୟର ସୃଷ୍ଟି ହୋଇଛି ।

**ଦ୍ୱାରା :** ଏହା ଏକ ଶବ୍ଦ ପ୍ରତ୍ୟୟ । ସିଧାସଳଖ ସଂସ୍କୃତରୁ ଗୃହୀତ ହୋଇ ଓଡ଼ିଆ ଭାଷାରେ ବ୍ୟବହୃତ ।

**ଦେଇ :** ଏହା ମଧ୍ୟ ଏକ ଶବ୍ଦ-ପ୍ରତ୍ୟୟ । 'ଦେହେ' ଅନୁସର୍ଗରୁ ଏହାର ସୃଷ୍ଟି । ଯଥା : ଦେହେ > ଦେହି > ଦେଇ

**ବହୁବଚନ ଚିହ୍ନ :**

**ମାନଙ୍କରେ :** ଯୌଗିକ ପ୍ରତ୍ୟୟ ।

ମାନ (ଦ୍ୱିତୀୟା ବହୁବଚନର ଚିହ୍ନ) + ଙ୍କ (ସମ୍ବନ୍ଧବାଚୀ + ଷଷ୍ଠୀ) + ରେ (ତୃତୀୟା ଏକବଚନର ଚିହ୍ନ) = ମାନଙ୍କରେ ।

**ମାନଙ୍କ ଦ୍ୱାରା :** ମାନ + ଙ୍କ + ଦ୍ୱାରା (ତୃତୀୟା ଏକବଚନର ଶବ୍ଦ ପ୍ରତ୍ୟୟ) = ମାନଙ୍କ ଦ୍ୱାରା

**ମାନଙ୍କ ଦେଇ :** ମାନ + ଙ୍କ + ଦେଇ (ତୃତୀୟା / ଏକବଚନରେ ଶବ୍ଦ ପ୍ରତ୍ୟୟ) = ମାନଙ୍କ ଦେଇ

**(ଘ) ଚତୁର୍ଥୀ ବିଭକ୍ତି :**

**ଏକବଚନ ଚିହ୍ନ :**

କୁ, ଙ୍କୁ, କି, ଙ୍କି, କଇ : ଏଗୁଡ଼ିକ ଦ୍ୱିତୀୟା ବିଭକ୍ତି ଏକବଚନରେ ଅନୁରୂପ । ଏହାର ବ୍ୟୁତ୍ପତ୍ତି ମଧ୍ୟ ଦ୍ୱିତୀୟା ବିଭକ୍ତିର ଅନୁରୂପ ।

**ସକାଶେ :** ଏହା ଏକ ଯୌଗିକ ପ୍ରତ୍ୟୟ । ସଂ ସକାଶ + ଏ (ମୂଳ ତୃତୀୟା ବିଭକ୍ତିର ପ୍ରତ୍ୟୟ ଯୁକ୍ତ ହୋଇ 'ସକାଶେ'ର ସୃଷ୍ଟି ।

**ନିମିତ୍ତ :** ଏହା ଅବିକଳ ସଂସ୍କୃତରୁ ଗୃହୀତ । ନିମିତ୍ତ > ନିମନ୍ତେ

**ଉଦ୍ଦେଶ୍ୟ :**

ସଂ 'ଉଦ୍ଦେଶ୍ୟ' ଶବ୍ଦରେ ତୃତୀୟା ବିଭକ୍ତି ମୂଳ ପ୍ରତ୍ୟୟ 'ଏ' ଯୁକ୍ତ ହୋଇ ସୃଷ୍ଟିଲାଭ କରିଛି । ଯଥା :

ଉଦ୍ଦେଶ୍ୟ + ଏ = ଉଦ୍ଦେଶ୍ୟେ ।

**ପାଇଁ :** ସଂ.ଆତ୍ମନେ > ଆପ୍ପଣେ > ପପଣେ > ପାଏଁ > ପାଇଁ

**ଲାଗି :** ଏହା ଦେଶଜ ପ୍ରତ୍ୟୟ । 'ଲାଗ୍' ଦେଶଜ ଧାତୁରେ 'ଇ' ପ୍ରତ୍ୟୟ ଯୁକ୍ତ ହୋଇ ପାଇଁ ବା ନିମିତ୍ତ ଅର୍ଥରେ ଲାଗି ରୂପରେ ବ୍ୟବହୃତ ।

**ବହୁବଚନ ଚିହ୍ନ :**

**ମାନଙ୍କୁ :** ମାନ (ପ୍ରଥମା ବହୁବଚନ) + ଙ୍କୁ (ଦ୍ୱିତୀୟା / ଚତୁର୍ଥୀ ଏକବଚନ) = ମାନଙ୍କୁ

**ମାନଙ୍କ ସକାଶେ :** ମାନ + ଙ୍କ (ଷଷ୍ଠୀ ବିଭକ୍ତି ଚିହ୍ନ) + ସକାଶେ = ମାନଙ୍କ ସକାଶେ

**ମାନଙ୍କ ପାଇଁ :** ମାନ + ଙ୍କ + ପାଇଁ = ମାନଙ୍କ ପାଇଁ

**(ଙ) ପଞ୍ଚମୀ ବିଭକ୍ତି :**

**ଏକବଚନ ଚିହ୍ନ :**

**ଉ :** ଏହା ଏକ ତତ୍ସମମୂଳା ପ୍ରତ୍ୟୟ । ଏହା ସଂସ୍କୃତ ଭାଷାରେ ବ୍ୟବହୃତ 'ଙସ୍' ପ୍ରତ୍ୟୟ ପ୍ରାକୃତରେ 'ଦୁ' ବା 'ଦୋ'ରେ ପରିବର୍ତ୍ତିତ ହୋଇ, ଅପଭ୍ରଂଶ ସ୍ତରରେ 'ଉ' ବା 'ଓ' ରେ ପରିଣତ ହୋଇଛି । ଏହି ଧାରାରେ 'ଉ' ପ୍ରତ୍ୟୟର ସୃଷ୍ଟି ।

**ଇଁ, ହୁଁ :** ଓଡ଼ିଆ ପଞ୍ଚମୀ ବିଭକ୍ତି ଏକବଚନର ମୂଳ ପ୍ରତ୍ୟୟ 'ଇ'ରେ ଅନୁନାସିକତା ଯୁକ୍ତ ହୋଇ 'ଉଁ'ରେ ପରିଣତ ହୋଇଛି । ସେଥିରେ ମହାପ୍ରାଣତ୍ୱର ଆଗମନ ଘଟି (ଉଁ / ହୁଁ) ତାହା 'ହୁଁ'ରେ ପରିଣତ ହୋଇଛି ।

**ଠୁଁ :** ସଂସ୍କୃତ 'ସ୍ଥାନ' ଶବ୍ଦରୁ 'ଠା'ରେ ପଞ୍ଚମୀ ବିଭକ୍ତି ମୂଳ ପ୍ରତ୍ୟୟ 'ଉଁ'ର ସଂଯୋଗ ଘଟି ଠୁଁ (ଠା + ଉଁ = ଠାଉଁ > ଠୁଁ) ହୋଇଛି ।

**ଠଉଁ :** 'ଠା' ସହିତ ଉଁର ସଂଯୋଗ ଘଟିଛି ।

**ରୁ :** ର + ଉ = ରୁ

**ଠାରୁ :** 'ଠା' ସହିତ ମୂଳ ପଞ୍ଚମୀ ବିଭକ୍ତିର ଚିହ୍ନ 'ରୁ'ର ସଂଯୋଗ ଘଟିଛି (ଠା + ରୁ) = ଠାରୁ

**ତହୁଁ :** ସଂ-ତସ୍ମିନ ରୁ 'ତହିଁ'ରେ ମୂଳ ପଞ୍ଚମୀ ବିଭକ୍ତିର ଚିହ୍ନ 'ଉ' ଯୁକ୍ତ ହୋଇ ତହିଁ + ଉ = ତହିଉ > ତହୁଁ) ତହୁଁ ପ୍ରତ୍ୟୟର ସୃଷ୍ଟି ହୋଇଛି ।

**ବହୁବଚନ ଚିହ୍ନ :**

**ମାନଙ୍କରୁ :** ମାନ (ପ୍ରଥମା - ବହୁବଚନ) + ଙ୍କ (ଷଷ୍ଠୀ ଏକବଚନ) + ରୁ (ପଞ୍ଚମୀ ଏକବଚନ) = ମାନଙ୍କରୁ

**ମାନଙ୍କଠାରୁ** = ମାନ + ଙ୍କ + ଠାରୁ = ମାନଙ୍କଠାରୁ

**ମାନଙ୍କଠଉଁ :** ମାନ + ଙ୍କ + ଠଉଁ = ମାନଙ୍କଠଉଁ

**ଗୁଡ଼ିକଠୁଁ :** ଗୁଡ଼ି (ଶାବର 'ଗୁଲି') + କ (ସ୍ୱାର୍ଥବାଚୀ + ଠୁଁ (ପଞ୍ଚମୀ) = ଗୁଡ଼ିକଠୁଁ ମୂଳପ୍ରତ୍ୟୟ ।

**ଗୁଡ଼ିକଠୁଁ :** ଗୁଡ଼ି + କ + ଠାରୁ = ଗୁଡ଼ିକଠାରୁ

**ଗୁଡ଼ିକ ଠଉଁ :** ଗୁଡ଼ି + କ + ଠଉଁ = ଗୁଡ଼ିକଠଉଁ

**(ଚ) ଷଷ୍ଠୀ ବିଭକ୍ତି : ଏକବଚନ :**

**ର :** ଏହି ବିଭକ୍ତି ଚିହ୍ନଟି ମୂଳ ଉତ୍ସ ନିରୂପଣ ସଂପର୍କରେ ଭିନ୍ନ ଭିନ୍ନ ମତ ରହିଛି । ଯଥା :

(୧) ପଣ୍ଡିତ ଗୋପୀନାଥ ନନ୍ଦଙ୍କ ମତରେ - ପ୍ରାକୃତ କେର / କେରକ ରୁ ଏହା ଉତ୍ପନ୍ନ ।

(୨) ଭାଷାବିତ୍ ହାର୍ନୋଲ୍ ଓ କେଲରଙ୍କ ମତରେ - କୃତ > କରିତୋ > କରିଯୋ > କେର > ର ର ସୃଷ୍ଟି ।

(୩) ୱେବର ଓ ଲାସେନଙ୍କ ମତରେ : ସଂ. କାର୍ଯ୍ୟ ଅନୁସର୍ଗରୁ କେର > କର > ର ସୃଷ୍ଟି ହୋଇଛି ।

(୪) ଜନ ବିମ୍‌ସ୍‌ଙ୍କ ମତରେ : କୃତସ୍ > କରିଓ > କେରୋ > କରା > ର ସମ୍ବନ୍ଧ ଅର୍ଥ କାରକ ହୋଇଥାଏ ।

(୫) ଡକ୍ଟର ବେଣୀମାଧବ ପାଢ଼ୀଙ୍କ ମତରେ : ସମ୍ବନ୍ଧ ଅର୍ଥରେ ସୃଷ୍ଟି । ଅପଭ୍ରଂଶ ଭାଷାରେ ବ୍ୟବହୃତ ତାର > ଆର ପ୍ରତ୍ୟୟରୁ ଓଡ଼ିଆ 'ର' ପରିବର୍ତ୍ତିତ ରୂପ ଗ୍ରହଣ କରିଛି ।

(୬) ଡକ୍ଟର ଧନେଶ୍ୱର ମହାପାତ୍ରଙ୍କ ମତରେ : ପ୍ରାକୃତ 'କେର' ବା ଅପଭ୍ରଂଶ 'ଆର' ଅନୁସର୍ଗରୁ 'ର' ର ସୃଷ୍ଟି ।

(୭) ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ : ସଂସ୍କୃତ 'ସ୍ୟ'ରୁ ବ୍ୟୁତ୍ପତ୍ତି ଲାଭ କରିଛି ।

ଏ ଦୃଷ୍ଟିରୁ ଦେଖିଲେ 'ସ' କାରାନ୍ତ 'ର' କାରାନ୍ତ ହେବା ସଂସ୍କୃତଭିତ୍ତିକ ନବୀନ ଆର୍ଯ୍ୟଭାଷାର ଏକ ବିଶେଷତ୍ୱ । ଏହି ନିୟମରେ ସଂସ୍କୃତ ଷଷ୍ଠୀ ବିଭକ୍ତିର ଚିହ୍ନ 'ସ୍ୟ' କ୍ରମଶଃ 'ର'ରେ ରୂପାନ୍ତରିତ ହୋଇ ଓଡ଼ିଆରେ ବ୍ୟବହୃତ ହେବାର ସମ୍ଭାବନାକୁ ଆଦୌ ଏଡ଼ାଇ ଦିଆଯାଇନପାରେ । ଯଥା : ନରସ୍ୟ > ପ୍ରା: ନରସସ୍ > ଓ : ନରର [୪]

**କର, ଙ୍କର :**

ଏହି ଦୁଇଟିଯାକ ପ୍ରତ୍ୟୟ ବହୁବଚନ ସୂଚକ ମାନ, ଗୁଡ଼ି, ଗୁଡ଼ା, ଗଣ, ସମୂହ ଇତ୍ୟାଦି ଶବ୍ଦ ସହିତ ଯୁକ୍ତ ହୋଇ ସମ୍ବନ୍ଧସୂଚକ ବହୁବଚନ ଅର୍ଥରେ ବ୍ୟବହାର ହୋଇଥାଏ । ଯଥା :

ଜଣକର ଜିନିଷ । ପିଲାମାନଙ୍କର ଖେଳଣା ।

ନିଶ୍ଚିତ ସୂଚକ ଅର୍ଥରେ ସ୍ୱାର୍ଥବାଚୀ 'କ' ସହିତ ସମ୍ବନ୍ଧ ଚିହ୍ନ 'ର' ମିଶି ଯୌଗିକ 'କର' ପ୍ରତ୍ୟୟ ସୃଷ୍ଟି ହୋଇଛି । ଯଥା :

ଟଙ୍କାକର ଜିରା । ପଇସାକର ମୂଲ୍ୟ ନାହିଁ ।

**'ଶବ୍ଦ ବିଭକ୍ତି'ର ପ୍ରାୟୋଗିକ ବ୍ୟବହାର :**

## ପ୍ରଥମା ବିଭକ୍ତି :

**(୧) କର୍ତ୍ତାକାରକରେ ପ୍ରଥମା :**

(୧) ଶୁଭ୍ରାଂଶୁ ସଂଗୀତ ଶୁଣୁଛି । (୨) ନାଟ୍ୟକାର ନାଟକ ଲେଖନ୍ତି ।

**ସମ୍ମାନ ସୂଚକ :** (ଏକବଚନ ଓ ବହୁବଚନ)ରେ 'ଏ'ର ବ୍ୟବହାର

ଦାସ + ଏ = ଦାସେ । ଜନ + ଏ = ଜନେ । ପିଲା + ଏ = ପିଲାଏ ।

**ପରିମାଣାତ୍ମ ଅର୍ଥରେ : 'ଏ' :**

ଖଣ୍ଡେ (ଖଣ୍ଡ + ଏ) ଲୁଗା ଦିଅ । ମାଣେ (ମାଣ୍ + ଏ) ଚାଉଳ ଦିଅ ।

**(୨) କର୍ମବାଚ୍ୟରେ କର୍ମଠାରେ ପ୍ରଥମା :**

ମଧୁମିତା ଦ୍ୱାରା କବିତାଟି ଲେଖାଯାଇଛି । ଏଥିରେ 'କବିତାଟି' ହେଉଛି କର୍ମ, 'ମଧୁମିତା ଦ୍ୱାରା' – କର୍ତ୍ତା, ତେଣୁ 'କବିତାଟି'ର ପ୍ରଥମା ବିଭକ୍ତି ହୋଇଛି ।

**(୩) ସମ୍ବୋଧନେ ପ୍ରଥମା :**

ପ୍ରଭୁ : ମୋର ଗୁହାରି ଶୁଣନ୍ତୁ । ଶୁଭ୍ରାଂଶୁ, ଏଠିକି ଆସ ।

**(୪) ଅବ୍ୟୟୀ ଯୋଗେ ପ୍ରଥମା :**

ପୋଲିସ୍ ତାକୁ ଚୋର ବୋଲି ଭାବିଲେ । ଏଠାରେ 'ବୋଲି' ଅବ୍ୟୟପଦ ଯୋଗେ 'ଚୋର' ର ପ୍ରଥମା ବିଭକ୍ତି ହୋଇଛି ।

**(୫) ପ୍ରଯୋଜକ କର୍ତ୍ତାରେ ପ୍ରଥମା :**

ଶିକ୍ଷକ ଛାତ୍ରମାନଙ୍କ ଦ୍ୱାରା ବଗିଚା କାମ କରାଇଲେ । ଏଥିରେ ଦୁଇଟି କର୍ତ୍ତା – 'ଛାତ୍ର' ଓ 'ଶିକ୍ଷକ', ଏଥିରେ 'ଶିକ୍ଷକ' ହେଉଛନ୍ତି ପ୍ରଯୋଜକ ବା ମୁଖ୍ୟକର୍ତ୍ତା ହୋଇଥିବାରୁ କର୍ତ୍ତୃକାରକ ପଦର ପ୍ରଥମା ହୋଇଛି ।

**(୬) ସଂଖ୍ୟାବାଚକ ଶବ୍ଦ ଯୋଗେ ପ୍ରଥମା :**

ଧର୍ମ, ଅର୍ଥ, କାମ, ମୋକ୍ଷ – ଚାରୋଟି ହେଉଛି ଜୀବନର ମୂଳ ଲକ୍ଷ୍ୟ । ରାମ ଓ ଦାମ ଦୁହେଁ ଯାଆଁଳା ଭାଇ ।

**(୭) ନିର୍ଦ୍ଦେଶକ ସର୍ବନାମ ପଦ ଯୋଗେ ପ୍ରଥମା :**

ଯାହା, ତାହା, ଏହା, ଯେଉଁ, ସେମାନେ, କେଉଁମାନେ, ସମସ୍ତେ ପ୍ରଭୃତି ନିର୍ଦ୍ଦେଶକ ସର୍ବନାମ ପଦ ଯୋଗେ ପ୍ରଥମା ବିଭକ୍ତି ହୁଏ । ଯଥା : ଅଜଣା ନଈ, ସର୍ପ ଓ ଅସ୍ତ୍ରଧାରୀ ବ୍ୟକ୍ତି ଏମାନଙ୍କୁ କଦାପି ବିଶ୍ୱାସ କରିହେବ ନାହିଁ ।

**(୮) କର୍ତ୍ତୃବାଚ୍ୟରେ 'ତ' ପ୍ରତ୍ୟୟଯୁକ୍ତ ପ୍ରଥମା :**

କର୍ତ୍ତୃବାଚ୍ୟରେ 'ତ' ପ୍ରତ୍ୟୟ ହେଲେ କର୍ତ୍ତାର ପ୍ରଥମା ବିଭକ୍ତି ହୁଏ । ଯଥା : ସେ ପୁରସ୍କାର ପ୍ରାପ୍ତ ହେଲେ ।

## ଦ୍ୱିତୀୟା ବିଭକ୍ତି :

**(୧) କର୍ମକାରକେ ଦ୍ୱିତୀୟା :**

ବାଟୋଇଟି ପାଣି ପିଉଛି । ଛାତ୍ର ବ୍ୟାକରଣ ପଢୁଅଛି ।

**(୨) କର୍ମ ଓ ଭାବବାଚ୍ୟରେ ଦ୍ୱିତୀୟା :**

କର୍ମବାଚ୍ୟ – ସୁସ୍ମିତାକୁ ଗୀତ ଗାଇବାକୁ ହେବ । ଭାବବାଚ୍ୟ – ମହେନ୍ଦ୍ର କୁ ଖେଳି ଆସେ ନାହିଁ ।

**(୩) ପ୍ରଯୋଜ୍ୟ କର୍ତ୍ତାଠାରେ ଦ୍ୱିତୀୟା :**

ମା' ମୁନାକୁ ଖୁଆଉଛନ୍ତି । ଶିକ୍ଷକ ଛାତ୍ରକୁ ବ୍ୟାକରଣ ପଢ଼ାଉଛନ୍ତି ।

ଏଠାରେ – ପ୍ରଥମ ବାକ୍ୟରେ 'ମା' – ପ୍ରଯୋଜକ, 'ମୁନା' ପ୍ରଯୋଜ୍ୟ । ଦ୍ୱିତୀୟ ବାକ୍ୟରେ ଶିକ୍ଷକ – ପ୍ରଯୋଜକ ଓ 'ଛାତ୍ର' ପ୍ରଯୋଜ୍ୟ ।

**(୪) ବୀପ୍‌ସା (ବାରମ୍ବାର) ଅର୍ଥରେ ଦ୍ୱିତୀୟା :**

ଦିନକୁ ଦିନ ପରିବା ଦର ବଢୁଛି । ଥରକୁ ଥର ତୁମେ କଥା ବଦାଳାଉଛ କାହିଁକି ।

**(୫) ବ୍ୟାପ୍ତି (ବିସ୍ତୃତି) ଅର୍ଥେ ଦ୍ୱିତୀୟା :**

ଏ ପୋଖରୀ ଖୋଳା ପୂରା ଚାରିମାସ ଲାଗିବ । ଏଠାରେ 'ଚାରିମାସ' ଅର୍ଥାତ୍ ଚାରିମାସ ପର୍ଯ୍ୟନ୍ତ (ବ୍ୟାପ୍ତି) ।

**(୬) ବିନିମୟ ବା ମୂଲ୍ୟାର୍ଥେ ଦ୍ୱିତୀୟା :**

ଏବେ ଆମ୍ବ କିଲୋକୁ ଚାଳିଶ ଟଙ୍କା । ଦଶ ଟଙ୍କାକୁ ଲିଟରେ କିରୋସିନି ମିଳୁଛି ।

**(୭) 'ଧିକ୍' ଶବ୍ଦ ଯୋଗେ ଦ୍ୱିତୀୟା :**

ଦେଶଦ୍ରୋହୀକୁ ଧିକ୍ । ମୂର୍ଖକୁ ଧିକ୍ ।

**(୮) କ୍ରିୟା-ବିଶେଷଣ ପଦରେ ଦ୍ୱିତୀୟା :**

ସେ ଶୁଖିଲାକୁ ମୋ ସଙ୍ଗରେ ଝଗଡ଼ା କରୁଛି । ତୁଚ୍ଛାକୁ ଗହଳି କରୁଛ କାହିଁକି ?

**(୯) 'ଅନୁସାରେ' ଅର୍ଥରେ ଦ୍ୱିତୀୟା :**

ବିରାଡ଼ି କପାଳକୁ ଶିକା ଛିଣ୍ଡିଲା ।

ମଧୁର ଭାଗ୍ୟକୁ ଏଇ ପୁଅଟି ଜନ୍ମିଥିଲା ।

**(୧୦) ଦୂର ଓ ନିକଟ ଅର୍ଥରେ ଦ୍ୱିତୀୟା :**

ମୋ ଘରକୁ ତା'ଘର ପାଖ । (ନିକଟ) କଲିକତାକୁ ଚେନ୍ନାଇ ବହୁତ ଦୂର । (ଦୂର)

**(୧୧) ଉପଯୁକ୍ତ ଅର୍ଥରେ ଦ୍ୱିତୀୟା :**

ଅପରାଧୀ କୁ ଦଣ୍ଡ । ଚୋରକୁ ମାଡ଼ । ପାୟସକୁ କ୍ଷୀର ।

**(୧୨) ଅଧିକରଣ କାରକ ସ୍ଥାନେ ଦ୍ୱିତୀୟା :**

ଯାଅ, କାଲି ସନ୍ଧ୍ୟାବେଳକୁ ଆସିବ । ତୁମ କଥା ଆର ସପ୍ତାହକୁ ବୁଝିବା ।

ଅଧିକାରଣ କାରକ ୭ମ ବିଭକ୍ତି ସ୍ଥାନରେ ଦ୍ୱିତୀୟା ବିଭକ୍ତିର ବ୍ୟବହାର ହୋଇଛି ।

(୧୩) **ଭୟ, ଘୃଣା, ଲାଜ, ଲୁଚିବା, ଶବ୍ଦ ବା କ୍ରିୟା ଯୋଗେ ଦ୍ୱିତୀୟା :**

ମାଡ଼କୁ ମହାଦେବଙ୍କର ଡର ।

ଯୌତୁକକୁ ସମସ୍ତେ ଘୃଣା କରିବା ଉଚିତ୍ ।

ପିଲାଟି ଗୀତ ଗାଇବାକୁ ଲାଜେଉଛି ।

ସାହାଯ୍ୟ ନ କରିବ ତ ନ କର, ମୋତେ ଲୁଚୁଛ କାହିଁକି ?

**ତୃତୀୟା ବିଭକ୍ତି :**

(୧) **'କରଣ କାରକ'ରେ ତୃତୀୟା :**

ମୁଁ ନିଜେ ଆଖିରେ ଦେଖିଛି ଏବଂ କାନରେ ଶୁଣିଛି । ଛାତ୍ରଟି କଲମରେ ଲେଖୁଛି ।

(୨) **କ୍ରିୟା ବିଶେଷଣ ପଦରେ ତୃତୀୟା :**

ସମସ୍ତେ ସୁଖରେ ରହନ୍ତୁ । ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ ।

(୩) **ମୂଲ୍ୟ ଅର୍ଥରେ ତୃତୀୟା :**

ମୁଁ ପାଞ୍ଚହଜାର ଟଙ୍କାରେ ମୋବାଇଲ କିଣିଛି । ଚାଳିଶ ଟଙ୍କାରେ ଆମ୍ବ ବଜାରରେ ମିଳୁଛି ।

(୪) **ହେତୁ (କାରଣ) ଅର୍ଥରେ ତୃତୀୟା :**

ପିଲାଟି ଭୋକରେ କାନ୍ଦୁଛି । ରୋଗୀଟି ଯନ୍ତ୍ରଣାରେ ଛଟପଟ ହେଉଛି ।

(୫) **ଫଳପ୍ରାପ୍ତି ବା କାର୍ଯ୍ୟ ସମାପ୍ତି ଅର୍ଥେ ତୃତୀୟା :**

ମୁଁ ଘରଟିକୁ ପାଞ୍ଚମାସରେ ତିଆରି କରାଇଲି । ସେ ଆଠ ଲକ୍ଷ ଟଙ୍କାରେ ଘରଟି କିଣିଛନ୍ତି ।

(୬) **କର୍ମବାଚ୍ୟ ଓ ଭାବବାଚ୍ୟରେ କର୍ତ୍ତାଠାରେ ତୃତୀୟା :**

**କର୍ମବାଚ୍ୟରେ :** ଐତିହାସିକ ମନ୍ମଥନାଥ ଦାସଙ୍କ ଦ୍ୱାରା ଭାରତ ଇତିହାସ ଲେଖା ହୋଇଛି ।

**ଭାବବାଚ୍ୟରେ :** ପିଲାଙ୍କ ଦ୍ୱାରା ଖେଳ ହେଉଛି ।

ସକାଳେ ଆମ୍ଭମାନଙ୍କ ଦ୍ୱାରା ପ୍ରାର୍ଥନା କାର୍ଯ୍ୟ ହୁଏ ।

(୭) **ପ୍ରଯୋଜ୍ୟ କର୍ତ୍ତାରେ ତୃତୀୟା :**

ସନ୍ନ୍ୟାସୀ ଗ୍ରାମବାସୀଙ୍କ ଦ୍ୱାରା ଯଜ୍ଞ କରାଇଲେ । ଶିକ୍ଷକ ପିଅନ ଦ୍ୱାରା ଉପସ୍ଥାନ ଖାତା ଅଣାଲେ ।

(୮) **ପ୍ରୟୋଜନାର୍ଥକ ଶବ୍ଦ ଯୋଗେ ତୃତୀୟା :**

ଚରିତ୍ର ନ ଥିଲେ ଧନରେ କି ଫଳ ! ବିଦ୍ୟାରେ କି ପ୍ରୟୋଜନ, ଯଦି ବୁଦ୍ଧି ନାହିଁ ।

(୯) **ବାରଣାର୍ଥକ ଶବ୍ଦ ଯୋଗେ ତୃତୀୟା :**

ବିବାଦରେ କ'ଣ ହେବ ? ପାଟିତୁଣ୍ଡରେ କିଛି ସମାଧାନ ହୁଏ ନା ।

(୧୦) ଜାତି, ଗୋତ୍ର, ବର୍ଣ୍ଣ, ରୂପ, ସ୍ୱଭାବ, ଆକୃତି, ପ୍ରକୃତି ଓ ନାମ ଆଦି ପଦରେ ତୃତୀୟା ।

ଚାଣକ୍ୟ ଜାତିରେ ବ୍ରାହ୍ମଣ । ସେ ଗୋତ୍ରରେ ପରାଶର ।

ଫୁଲଟି ବର୍ଣ୍ଣରେ ଧଳା । ପିଲାଟି ସ୍ୱଭାବରେ ଖୁବ୍ ସରଳ ।

କେହି ନାଁରେ ବଡ଼ ହୁଏନି, କାମରେ ବଡ଼ ହୁଏ । ମୂର୍ତ୍ତିଟି ଆକାରରେ ଖୁବ୍ ବଡ଼ ।

କ୍ଷୀର ପ୍ରକୃତିରେ ମଧୁର ।

**(୧୧) ଊଣାର୍ଥକ ଓ ଅଧିକାର୍ଥକ ଶବ୍ଦ ଯୋଗେ ତୃତୀୟା :**

ଦୁଇ ଭାଇ କେହି କାହାଠାରୁ ଗୁଣରେ ଊଣା ନୁହଁନ୍ତି । ରାମ ଗୋବିନ୍ଦ ଠାରୁ ବଳରେ ଅଧିକ ।

ଏ ପ୍ଲଟଟି ସେ ପ୍ଲଟଠାରୁ ଲମ୍ବରେ ବେଶି ।

**(୧୨) ସହାର୍ଥକ ଶବ୍ଦରେ ତୃତୀୟା :**

ଶିକ୍ଷକଙ୍କ ସଙ୍ଗରେ ଛାତ୍ରଛାତ୍ରୀମାନେ ଭ୍ରମଣରେ ଗଲେ । ତା' ସାଥିରେ କାହାର ପଡ଼େ ନାହିଁ ।

**(୧୩) ଅଙ୍ଗବିକାରାର୍ଥେ ତୃତୀୟା : (ବିକୃତ ଅଙ୍ଗ ଠାରେ ତୃତୀୟା)**

ଲୋକଟି ପିଠିରେ କୁଜା । ପ୍ରଦୀପ ଆଖିରେ କଣା ।

**(୧୪) 'ବିନା' ଶବ୍ଦଯୋଗେ ତୃତୀୟା :**

'ବିନା' ଶବ୍ଦ ବିଶେଷ୍ୟ ପଦ ପୂର୍ବରେ ବ୍ୟବହୃତ ହେଲେ ବିଶେଷ୍ୟ ପଦରେ ତୃତୀୟା ବିଭକ୍ତି ହୁଏ । ଯଥା :

ବିନା ବିଚାରରେ ବିଚାରିଟି ଦଣ୍ଡ ପାଇଲା । ବିନା ଉଦ୍ଦେଶ୍ୟରେ ସେ ଏଠାକୁ ଆସିନାହିଁ ।

**ଚତୁର୍ଥୀ ବିଭକ୍ତି :**

**(୧) ସଂପ୍ରଦାନେ ଚତୁର୍ଥୀ :**

ସଭାପତି ବିଜେତାଙ୍କୁ ପୁରସ୍କାର ଦେଲେ । ପୁରୋହିତଙ୍କୁ ଦକ୍ଷିଣା ଦିଅ ।

**(୨) ନିମିତ୍ତ ଅର୍ଥେ ଚତୁର୍ଥୀ :**

ଏ ଯୁଗରେ ପେଟକୁ ଦାନା, ପିଠିକୁ କନା ଯୋଗାଡ଼ କରିବା କାଠିକର ପାଠ ।

ବଡ଼ ଲୋକଙ୍କୁ ଉତ୍ତର ନାହିଁ । କୁମ୍ଭାର ବୋହୂ ଝାଟିକି ନଗଲେ ମାଟିକି ଯାଉ ।

**(୩) ନିବାରଣ ଅର୍ଥେ ଚତୁର୍ଥୀ :**

କରୋନା ରୋଗକୁ ସଚେତନତା ହିଁ ଅବ୍ୟର୍ଥ ଔଷଧ ।

ନିଆଁକୁ ପାଣି ଦରକାର । ଖରାକୁ ଛତା ଦରକାର ।

**(୪) ରୁଚି ଅର୍ଥେ ଚତୁର୍ଥୀ :**

ଜରୁଆ ପାଟିକୁ ଖାଦ୍ୟ ରୁଚେ ନାହିଁ । ଛୋଟ ପିଲାଙ୍କୁ ଚକୋଲେଟ୍ ଖାଇବାକୁ ସୁଆଦ ଲାଗେ ।

**(୫) ସମ୍ମାନ ଅର୍ଥେ ଚତୁର୍ଥୀ :**

ଗୁରୁଜନଙ୍କୁ ପ୍ରଣାମ କର । ପ୍ରତ୍ୟହ ଈଶ୍ୱରଙ୍କୁ ପ୍ରାର୍ଥନା କର ।

**(୬) ଯୋଗ୍ୟ ଅର୍ଥେ ଚତୁର୍ଥୀ :**

ଯେମିତି ଦିଅଁକୁ ସେମିତି ପୂଜା । ଯେଉଁ ଘରକୁ ଯେଉଁ ରୁଅ ।

ଯେଉଁ ବରକୁ ଯେଉଁ ଝିଅ । ଯେସାକୁ ତେସା ।

**(୭) ସ୍ନେହ, ଭକ୍ତି, ବିଶ୍ୱାସ, ପ୍ରେମ ଅର୍ଥେ ଚତୁର୍ଥୀ :**

ମୋ ପୁଅକୁ ସ୍ନେହ କରେ । ସେ ପିତାମାତାଙ୍କୁ ଭକ୍ତି କରେ ।

ମୁଁ ମୋ ସାଙ୍ଗକୁ ବିଶ୍ୱାସ କରେ । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ପ୍ରେମ କରୁଥିଲେ ।

(୮) ଭବିଷ୍ୟତ୍‌କାଳୀନ କ୍ରିୟାସୂଚକ ପଦଲୋପ ପରେ ତା'ର କର୍ମଠାରେ ଚତୁର୍ଥୀ :

ସେ ପାଣିକି ଯାଇଛି । (ପାଣି ଆଣିବାକୁ) ସେ ଯାତ୍ରାକୁ ଯାଇଛି । (ଯାତ୍ରା ଦେଖିବାକୁ)

**ପଞ୍ଚମୀ ବିଭକ୍ତି :**

**(୧) ଆପାଦାନ କାରକେ ପଞ୍ଚମୀ :**

ଆକାଶରୁ ବର୍ଷା ପଡୁଛି । ବଡ଼ଦେଉଳରୁ ପଥର ଖସିଲା । ଦୃଢ଼ ପ୍ରତିଜ୍ଞା ବ୍ୟକ୍ତି ସତ୍‌ପଥରୁ ବିଚ୍ୟୁତ ହୁଅନ୍ତି ନାହିଁ ।

**(୨) ହେତୁ (କାରଣ) ଅର୍ଥେ ପଞ୍ଚମୀ :**

ନିଜ ଦୋଷରୁ ସେ ଦଣ୍ଡିତ ହେଲେ ।

ଅଂଶୁଘାତରୁ ବୁଢ଼ାଟି ବାଟରେ ପ୍ରାଣତ୍ୟାଗ କଲା । ପୁଣ୍ୟରୁ ସୁଖ ମିଳେ ।

**(୩) ଉତ୍କର୍ଷ-ଅପକର୍ଷ ଅର୍ଥେ ପଞ୍ଚମୀ :**

ମଶା ଓ ମାଛି ବାଘଠାରୁ ମଧ୍ୟ ଭୟଙ୍କର ।

ଖଣ୍ଡାଠାରୁ ଲେଖନୀ ଖୁବ୍ ଶକ୍ତିଶାଳୀ । ହୀରାଠାରୁ ସୁନାର ମୂଲ୍ୟ କମ୍ ।

**(୪) ଆବିର୍ଭାବ ସ୍ଥାନ ଠାରେ ପଞ୍ଚମୀ :**

ଗଙ୍ଗା ହିମାଳୟରୁ ନିର୍ଗତ ହୋଇଛି । ମହାନଦୀ ଅମରକଣ୍ଟକ ମାଳଭୂମିରୁ ବାହାରିଛି ।

ସହ୍ୟାଦ୍ରିରୁ ଗୋଦାବରୀ ପ୍ରବାହିତ ହୋଇଛି ।

**(୫) ବିରମାର୍ଥକ ଶବ୍ଦ ଯୋଗେ ପଞ୍ଚମୀ :**

ଛାତ୍ରମାନେ ପଠନରୁ ବିରତ ହେବା ଅନୁଚିତ୍ । ଦାରିଦ୍ର୍ୟରୁ ଅନେକ ଛାତ୍ରଛାତ୍ରୀ ପଠନରୁ ବିରତ ହେଉଛନ୍ତି ।

ଯୁବକମାନେ ଉଚ୍ଛୃଙ୍ଖଳତାରୁ ବିରତ ହେବା ଉଚିତ୍ ।

**(୬) ଉତ୍ପତ୍ତିର ହେତୁବୋଧ ଶବ୍ଦ ଯୋଗେ ପଞ୍ଚମୀ :**

ଧାନରୁ ଗଜା ହେଲାଣି । ଆଖୁରସରୁ ଗୁଡ଼ ହୁଏ । ଫୁଲରୁ ଫଳ ହୁଏ ।

**(୭) ଅସମାପିକା କ୍ରିୟା ଲୋପେ ତା'ର କର୍ମ ଓ ଅଧିକରଣରେ ପଞ୍ଚମୀ :**

ତୁମ କଥାରୁ ଏତେ କଷ୍ଟ ପାଇଲି । (କଥାକୁ ଶୁଣି)

ତୁମ ସେବାରୁ ସେ ସନ୍ତୁଷ୍ଟ । (ସେବାକୁ ଲାଭ କରି) ମାଙ୍କଡ଼ ଗଛରୁ ଫଳ ପକାଇଲା । (ଗଛରେ ଥାଇ)

**(୮) ତୁଳନାର୍ଥେ ପଞ୍ଚମୀ :**

ଧନଠାରୁ ଜ୍ଞାନ ବଡ଼ । ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ଗରୀୟସୀ । ବିନ୍ଧ୍ୟାଚଳ ଠାରୁ ହିମାଳୟ ଉଚ୍ଚତର ।

**(୯) ସୀମାବୋଧକ ଶବ୍ଦଠାରେ ପଞ୍ଚମୀ :**

ମାଘମାସରୁ ବସନ୍ତ ଋତୁ ଆରମ୍ଭ ହୋଇଯାଏ ।

ସେ ମାର୍ଚ୍ଚ ଠାରୁ ଜୁନ୍ ପର୍ଯ୍ୟନ୍ତ କୋଲକତାରେ ରହିବେ ।

ପୋଖରୀ ତୁଠରେ ଢିଙ୍କିଶାଳରୁ ଢେଙ୍କାନାଳ ଯାଏଁ କଥା ପଡ଼େ ।

**(୧୦) ଭିନ୍ନାର୍ଥକ ଶବ୍ଦଯୋଗେ ପଞ୍ଚମୀ :**

ମୋ ନାତି ତାଙ୍କ ନାତିଠାରୁ ଭିନ୍ନ । ସୀତା ଗୀତାଠାରୁ ପୃଥକ । ମୋ ପୁଅ ତା' ପୁଅଠାରୁ ସଂପୂର୍ଣ୍ଣ ଅଲଗା ।

**(୧୧) ଦିଗବାଚକ ଶବ୍ଦ ଯୋଗେ ପଞ୍ଚମୀ : (ଯେଉଁ ସ୍ଥାନରେ ଦିଗ ନିର୍ଣ୍ଣୟ କରାଯାଏ)**

ଭୁବନେଶ୍ୱରରୁ ଉତ୍ତରକୁ ଗଲେ କଟକ ପଡ଼େ । ପାହାଡ଼ଟି ଆମ ଗାଁ ଠାରୁ ପଶ୍ଚିମକୁ ଅବସ୍ଥିତ ।

ରାମମନ୍ଦିର ଛକ ଠାରୁ ଦକ୍ଷିଣକୁ ଗଲେ ମାଷ୍ଟକ୍ୟାଣ୍ଟିନ୍ ପଡ଼ିବ ।

**(୧୨) ଦୂର ଓ ନିକଟ ଅର୍ଥେ ପଞ୍ଚମୀ :**

ଆମ ଘରୁ ତାଙ୍କ ଘର ଖଣ୍ଡେ ଦୂର । ଷ୍ଟେସନରୁ ସଚିବାଳୟ ନିକଟ ।

**(୧୩) ବିଦ୍ୟାଗ୍ରହଣେ ପଞ୍ଚମୀ :**

ନେହେରୁ କେମ୍ବ୍ରିଜରୁ ଶିକ୍ଷାଲାଭ କରିଥିଲେ ।

ଗୋବିନ୍ଦଚନ୍ଦ୍ର ହାଡ଼ିପାଙ୍କ ଠାରୁ ଆତ୍ମଜ୍ଞାନ ପାଇଥିଲେ । ପିଲାମାନେ ଘରୁ ଶିଷ୍ଟାଚାର ଶିଖନ୍ତି ।

**(୧୪) ନିବାରଣାର୍ଥକ କ୍ରିୟା ଯୋଗେ ପଞ୍ଚମୀ :**

ପୁଅକୁ ଅସତ୍ ପଥରୁ ବାରଣ କରେ ।

ଜନସାଧାରଣ ଦୁର୍ନୀତିରୁ ନିବୃତ୍ତ ହୁଅନ୍ତୁ । ଜ୍ଞାନୀମାନେ ଭୌତିକ ସୁଖରୁ ଦୂରେଇ ରୁହନ୍ତି ।

**ଷଷ୍ଠୀ ବିଭକ୍ତି :**

**(୧) ସମ୍ବନ୍ଧେ ଷଷ୍ଠୀ :**

(ବିଭିନ୍ନ ସମ୍ବନ୍ଧ ପଦ ଯୋଗେ ଷଷ୍ଠୀ ବିଭକ୍ତି ହେଲେ ତାକୁ 'ସମ୍ବନ୍ଧେ ଷଷ୍ଠୀ' କହନ୍ତି ।)

**କର୍ତ୍ତୃ ସମ୍ବନ୍ଧେ :** ଗୁରୁସେବା ଛାତ୍ରର କର୍ତ୍ତବ୍ୟ ।

**କର୍ମ ସମ୍ବନ୍ଧେ :** ପୁତ୍ର ପୈତୃକ ସଂପତ୍ତିର ଅଧିକାରୀ ।

**କରଣ ସମ୍ବନ୍ଧେ :** ତା' କଥାର ଆଘାତରେ ସେ ଚାଲିଗଲା ।

**ସଂପ୍ରଦାନ ସମ୍ବନ୍ଧେ :** ସଭାପତିଙ୍କ ଭାଷଣ ପରେ ଛାତ୍ରମାନଙ୍କର ପୁରସ୍କାର ଦିଆଯିବ ।

(ଏଠାରେ 'ଛାତ୍ରମାନଙ୍କୁ' ସଂପ୍ରଦାନ ପରିବର୍ତ୍ତେ 'ଛାତ୍ରମାନଙ୍କର' ପଦ ବ୍ୟବହାର ହୋଇଥିବାରୁ ସଂପ୍ରଦାନେ ସ
ଷଷ୍ଠୀ ହୋଇଛି ।)

**ଅପାଦାନେ ସମ୍ବନ୍ଧେ :** ବଣରେ ବାଘର ଭୟ ରହିଛି ।

**ଅଧିକରଣ ସମ୍ବନ୍ଧେ :** ବନ୍ୟାରେ ନଈର ମାଛ ଚାରିଆଡ଼େ ଖେଳେଇ ଯାଆନ୍ତି ।

**ସୂତ୍ର ସମ୍ବନ୍ଧେ :** ମୋର ଘର ତାଙ୍କର ଧନ ।

**ଆଶ୍ରୟ ସମ୍ବନ୍ଧେ :** ଅନ୍ଧର ଲଉଡ଼ି ମୋର ଦରିଦ୍ର ପସରା ।

**ଜନ୍ୟଜନକ ସମ୍ବନ୍ଧେ :** ଶ୍ରୀକୃଷ୍ଣ ବସୁଦେବଙ୍କର ପୁତ୍ର ।

**ଆଧାର ଆଧେୟ ସୂଚକ ସମ୍ବନ୍ଧେ :** କୂଅର ଜଳ ଶୀତଳ ।

**ଉପାଦାନ ସମ୍ବନ୍ଧେ :** ସୁନାର ମୁଦି, ରୂପାର ହାର ।

**କାର୍ଯ୍ୟକାରଣ ସମ୍ବନ୍ଧେ :** ପୁଣ୍ୟର ଫଳ ଚିରସ୍ଥାୟୀ ।

(ଏଠାରେ 'ପୁଣ୍ୟ' ହେଉଛି କାରଣ ଓ 'ଫଳ' ହେଉଛି କାର୍ଯ୍ୟ । ଉଭୟ ମଧ୍ୟରେ ସମ୍ବନ୍ଧ ଅଛି ।)

**ବ୍ୟାପ୍ତି ସମ୍ବନ୍ଧେ :** ମାସକର ଦରମା । (ମାସେ ବ୍ୟାପି)

**ନିମିତ୍ତ ସମ୍ବନ୍ଧେ :** ପୂଜାର ଫୁଲ ।

(ଏଠାରେ ପୂଜା ଓ ଫୁଲ ମଧ୍ୟରେ ନିମିତ୍ତ ସମ୍ବନ୍ଧ ଅଛି ।)

**ବ୍ୟବସାୟ ସମ୍ବନ୍ଧେ :** ଚାଉଳର ବେପାରୀ । (ଚାଉଳ ସହିତ ବେପାରୀର ବ୍ୟବସାୟଗତ ସମ୍ବନ୍ଧ ଅଛି ।)

**ହେତୁ ସମ୍ବନ୍ଧେ :** ଧନର ଗର୍ବ ଯାହାର ଅଛି, ସେ ଅସାଧୁ । (ଏଠାରେ 'ଗର୍ବ'ର ହେତୁ ହେଉଛି ଅସାଧୁ ଧନ ।)

**ସେବ୍ୟସେବକ ସମ୍ବନ୍ଧେ :** ରାଜାଙ୍କ ସେବକ । (ରାଜା ସେବ୍ୟ ଓ ଭୃତ୍ୟ ସେବକ ସମ୍ବନ୍ଧ)

**ଅଭେଦ ସମ୍ବନ୍ଧେ :** କରୁଣାର ସାଗର । (ଏଠାରେ କରୁଣା ରୂପକ ସାଗର । କରୁଣା ସହ ସାଗରର ଅଭେଦ କଳ୍ପନା କରାଯାଇଛି ।)

**ବିଶେଷଣ ସମ୍ବନ୍ଧେ :** ଉଚ୍ଚକୋଟୀର ଲେଖା । ('ଲେଖା'ର ବିଶେଷଣ ହେଉଛି 'ଉଚ୍ଚକୋଟୀର' ଉଭୟଙ୍କ ମଧ୍ୟରେ ବିଶେଷଣ - ବିଶେଷ୍ୟ ସମ୍ବନ୍ଧ ଅଛି ।)

**(୨) ନିର୍ଦ୍ଧାରଣ ଅର୍ଥେ ଷଷ୍ଠୀ :**

କାଳିଦାସ କବିମାନଙ୍କର ମଉଡ଼ମଣି । ପଶୁମାନଙ୍କ ମଧ୍ୟରେ ସିଂହ ରାଜା ।

**(୩) ବିନା, ପରି, ପ୍ରତି ଶବ୍ଦ ଯୋଗେ ଷଷ୍ଠୀ :**

ତୋ ବିନା ଅନ୍ୟ ଗତି ନାହିଁ ।

ତାହାଙ୍କ (ତା'ଙ୍କ) ପ୍ରତି କଠୋର ବ୍ୟବହାର କରିବା ଅନୁଚିତ୍ ।

**(୪) ଯୋଗ୍ୟାର୍ଥେ ଷଷ୍ଠୀ :**

ସବୁଠାରେ ଗଣିବାର ଲୋକ କମ୍ ଥା'ନ୍ତି । ଖାଇବାର ପୁତ୍ର ଗଲା ମଥୁରାପୁରକୁ ।

**(୫) ସହାର୍ଥକ ଶବ୍ଦଯୋଗେ ଷଷ୍ଠୀ :**

ଭକ୍ତ ସହିତ ଭଗବାନଙ୍କର ମଧୁର ସଂପର୍କ ଥାଏ । ତାଙ୍କ ସହିତ ମୋର ଶତ୍ରୁତା ନାହିଁ ।

**(୬) କର୍ମବାଚ୍ୟ ଓ ଭାବବାଚ୍ୟର କର୍ତ୍ତାସ୍ଥାନେ ଷଷ୍ଠୀ :**

**କର୍ମବାଚ୍ୟରେ :** ଛାତ୍ରଟିର ପାଠପଢ଼ା ସରି ନାହିଁ ।

**ଭାବବାଚ୍ୟରେ :** ଖେଳାଳିର ଧାଇଁବା ଚାଲିଛି ।

**ସପ୍ତମୀ ବିଭକ୍ତି :**

**(୧) ଅଧିକରଣେ ସପ୍ତମୀ :**

ଆଶ୍ୱିନ ମାସରେ ଦୁର୍ଗାପୂଜା ହୁଏ । ପଶ୍ଚିମ ଓଡ଼ିଶାରେ ଘରେ ଘରେ ନୂଆଖାଇ ପର୍ବ ପାଳିତ ହୁଏ ।

**(୨) ନିର୍ଦ୍ଧାରଣେ ସପ୍ତମୀ :**

(ସମୁଦାୟ ବୋଧକ ପଦର ସପ୍ତମୀ ବିଭକ୍ତି ହୁଏ । ଏହାର ନାମ "ନିର୍ଦ୍ଧାରଣ ସପ୍ତମୀ" ।)

ଗୁଣମାନଙ୍କ ମଧ୍ୟରେ ପରୋପକାର ଶ୍ରେଷ୍ଠ ଗୁଣ । ଓଡ଼ିଆ କବିମାନଙ୍କ ମଧ୍ୟରେ ଉପେନ୍ଦ୍ର ସମ୍ରାଟ ।

**(୩) ଭାବେ ସପ୍ତମୀ :**

ଗୋଟିଏ କାର୍ଯ୍ୟଦ୍ୱାରା ଅନ୍ୟ କାର୍ଯ୍ୟ ସୂଚିତ ହେବା ଦ୍ୱାରା ପୂର୍ବ କ୍ରିୟାର କର୍ତ୍ତାଠାରେ ସପ୍ତମୀ ବିଭକ୍ତି ହୁଏ । ଏହାକୁ 'ଭାବେ ସପ୍ତମୀ' କୁହାଯାଏ ।

ବର୍ଷା ଆଗମନରେ ଚାଷୀକୂଳ ଉଲ୍ଲସିତ ହେଲେ ।

ପୁସ୍ତକର ପ୍ରକାଶନରେ ଲେଖକ ଆନନ୍ଦିତ ହୁଏ ।

**(୪) ବୀପ୍‌ସା ଅର୍ଥେ ସପ୍ତମୀ : (ବାରମ୍ବାର ପୁନଃକଥନ)**

ଦୀପାବଳୀରେ ଘରେ ଘରେ ଦୀପ ଜଳେ ।

ସାରଳା ମହାଭାରତର ପୃଷ୍ଠାରେ ପୃଷ୍ଠାରେ ଉତ୍କଳୀୟ ଜନଜୀବନର ଚିତ୍ର ରହିଛି ।

**(୫) ନିପୁଣାଦି ଶବ୍ଦ ଯୋଗେ ସପ୍ତମୀ :**

ମିହିର ସେନ ସନ୍ତରଣରେ ପଟୁ । କପିଳଦେବ କ୍ରିକେଟରେ ଦକ୍ଷ ଥିଲେ ।

**(୬) ସାଦୃଶ୍ୟ-ଅସାଦୃଶ୍ୟ ଅର୍ଥେ ସପ୍ତମୀ :**

ବାପରେ ପୁଅରେ ଶତ୍ରୁତା ଶୋଭନୀୟ ନୁହେଁ ।

ଆଜିକାଲି ଘରେ ବାହାରେ ସବୁଠି ଅଶାନ୍ତିର ନିଆଁ ଜଳୁଛି ।

**(୨) କ୍ରିୟା ବିଭକ୍ତି :**

ଧାତୁ (ମୌଳିକ ହେଉ ବା ବ୍ୟୁତ୍ପନ୍ନ ହେଉ) ଶେଷରେ ଲାଗୁଥିବା ବର୍ଣ୍ଣ ବା ବର୍ଣ୍ଣ ସମଷ୍ଟିକୁ 'କ୍ରିୟା ବିଭକ୍ତି' କୁହାଯାଏ । ଏହାକୁ ଦୁଇ ଭାଗରେ ବିଭାଗୀକରଣ କରାଯାଇପାରେ ।

କ୍ରିୟା ବିଭକ୍ତି

- ସମାପିକା କ୍ରିୟା ବିଭକ୍ତି
  - କାଳସୂଚକ ବିଭକ୍ତି
  - ପୁରୁଷ ବଚନ ସୂଚକ ବିଭକ୍ତି
- ଅସମାପିକା କ୍ରିୟା ବିଭକ୍ତି
  - ଅସଂପନ୍ନ ସୂଚକ (ଉ)
  - ସଂପନ୍ନ ସୂଚକ (ଇ)
  - ସମ୍ଭାବନା ସୂଚକ (ଇଲେ)

**(୧) ସମାପିକା କ୍ରିୟା ବିଭକ୍ତି :**

ଓଡ଼ିଆ ସମାପିକା କ୍ରିୟାରେ ନିମ୍ନଲିଖିତ ଚାରିଗୋଟି 'କାଳସୂଚକ ବିଭକ୍ତି' ଯୋଗ ହେଉଥିବାର ଦେଖାଯାଏ । ଯଥା:

**(କ) କାଳସୂଚକ ବିଭକ୍ତି :**

**(୧) ବର୍ତ୍ତମାନ କାଳ ସୂଚକ ବିଭକ୍ତି : (୦) ଶୂନ୍ୟ ବିଭକ୍ତି**

ଖେଳେ = ଖେଳ୍ + 0 + ଏ

**(୨) ଅତୀତ କାଳସୂଚକ ବିଭକ୍ତି : ଇଲ୍ / ଲ୍ (ଇଲ୍‌ର ଉପରୂପ 'ଲ')**

ଯଥା : ପିଇଲା = ପି + ଇଲ୍ + ଆ । ଦେଲା = ଦେ + ଲ୍ + ଆ

**(୩) ଭବିଷ୍ୟତ କାଳସୂଚକ ବିଭକ୍ତି : ଇବ୍ / ବ୍ - (ଇବ୍ ର ଉପରୂପ 'ବ')**

ପିଇବ = ପି + ଇବ୍ + ଅ । ଦେବ = ଦେ + ବ୍ + ଅ

(଄) ସମ୍ଭାବନା କାଳସୂଚକ ବିଭକ୍ତି : ଅନ୍ତ / ଆନ୍ତ ("ଅନ୍ତ"ର ଉପରୂପ 'ଆନ୍ତ')

ପଢ଼ନ୍ତି = ପଢ଼୍ + ଅନ୍ତ + ଇ । ଖାଆନ୍ତି = ଖା + ଆନ୍ତ + ଇ

(ଖ) ପୁରୁଷ-ବଚନ ସୂଚକ ବିଭକ୍ତି :

ପ୍ରଥମ ପୁରୁଷ ଏକବଚନ :

ଇ = ମୁଁ ପଢ଼ିଲି । (ପଢ଼୍ + ଇଲ୍ + ଇ), ଏଁ = ମୁଁ ପଢ଼େଁ । (ପଢ଼୍ + ୦ + ଏଁ)

ପ୍ରଥମପୁରୁଷ ବହୁବଚନ :

ଉଁ = ଆମ୍ଭେ ପଢ଼ୁଁ । (ପଢ଼୍ + ୦ + ଉଁ)

ଦ୍ୱିତୀୟା ପୁରୁଷ ଏକବଚନ :

୦ = ତୁ ଖା । (ଖା + ୦ + ୦)

ଉ = ତୁ ପଢ଼ୁ । (ପଢ଼୍ + ୦ + ଉ)

ଦ୍ୱିତୀୟା ପୁରୁଷ ବହୁବଚନ :

ଅ = ତୁମେ ପଢ଼ିଲ । (ପଢ଼୍ + ଇଲ + ଅ)

ତୃତୀୟ ପୁରୁଷ ଏକବଚନ :

ଏ = ସେ ପଢ଼େ । (ପଢ଼୍ + ୦ + ଏ)

ଅ = ସେ ପଢ଼ିବ । (ପଢ଼୍ + ଇବ + ଅ)

ଆ = ସେ ପଢ଼ିଲା । (ପଢ଼୍ + ଇଲ + ଆ)

ଉ = ସେ ପଢ଼ୁ । (ପଢ଼୍ + ୦ + ଉ)

ଇ = ସେ ପଢ଼ୁଛି । (ପଢ଼୍ + ଉ + ଅଛ + ଇ)

ତୃତୀୟ ପୁରୁଷ ବହୁବଚନ :

ଅନ୍ତି = ସେମାନେ ପଢ଼ନ୍ତି । (ପଢ଼୍ + ୦ + ଅନ୍ତି)

ଏ = ସେମାନେ ପଢ଼ିଲେ । (ପଢ଼୍ + ଇଲ୍ + ଏ)

ଅନ୍ତୁ = ସେମାନେ ପଢ଼ନ୍ତୁ । (ପଢ଼୍ + ୦ + ଅନ୍ତୁ)

(୨) ଅସମାପିକା କ୍ରିୟା ବିଭକ୍ତି :

(୧) ଅସମ୍ପନ୍ନ ସୂଚକ ଅସମାପିକା କ୍ରିୟା ବିଭକ୍ତି : ପଢ଼ୁ ପଢ଼ୁ (ପଢ଼୍ + ଉ), ଯାଉ ଯାଉ (ଯା + ଉ) ସେ ପଢ଼ୁପଢ଼ୁ ଶୋଇ ପଡ଼ିଲା । ସେ ବାଟରେ ଯାଉ ଯାଉ ପଡ଼ିଗଲା ।

(୨) ସମ୍ପନ୍ନ ଭାବେ ଅସମାପିକା କ୍ରିୟା ବିଭକ୍ତି :

ପଢ଼ି (ପଢ଼୍ + ଇ) = ସେ ପାଠପଢ଼ି ଶୋଇବ ।

ନେଇ (ନେ + ଇ) = ସେ ଟଙ୍କା ନେଇ ବଜାର ଯିବ ।

(୩) ସମ୍ଭାବନା ସୂଚକ ଅସମାପିକା କ୍ରିୟା ବିଭକ୍ତି :

ଖେଳିଲେ = (ଖେଳ୍ + ଇଲେ) ତୁମେ ଖେଳିଲେ ସିନା ଶିଖିବ ।

ଖାଇଲେ = (ଖା + ଇଲେ) ସେ ଖାଇଲେ ଘରୁ ବାହାରିବ ।

ଏଠାରେ ମନେରଖିବାକୁ ହେବ ଯେ, ଅସମାପିକା କ୍ରିୟାର ରୂପ କାଳ, ବଚନ ଓ ପୁରୁଷ ଭେଦରେ ଆଦୌ ବଦଳି ନଥାଏ ।

# କୃଦନ୍ତ

ଧାତୁ ବା ଶବ୍ଦର ଉତ୍ତରରେ ବ୍ୟବହୃତ ହେଉଥିବା 'ପରସର୍ଗ'କୁ 'ପର ପ୍ରତ୍ୟୟ' କୁହାଯାଏ । 'ପରସର୍ଗ' ହେଉଛି ଧାତୁ ବା ଶବ୍ଦର ପରେ ଯେଉଁସବୁ ପ୍ରତ୍ୟୟ ଯୋଗ ହୋଇଥାଏ । ଧାତୁ ସହିତ ପ୍ରାତିପାଦିକ ହୋଇ ନୂତନ ଶବ୍ଦ ବା ପଦ ନିର୍ମାଣ ପାଇଁ ବ୍ୟବହୃତ ଅନୁସର୍ଗ ବା ପ୍ରତ୍ୟୟକୁ 'କୃତ' ପ୍ରତ୍ୟୟ କୁହାଯାଏ । 'କୃତ୍' ପ୍ରତ୍ୟୟ ଯୋଗେ ସୃଷ୍ଟି ହେଉଥିବା ପଦକୁ 'କୃଦନ୍ତ ପଦ' କୁହାଯାଏ । ସେହିପରି ଶବ୍ଦର ଉତ୍ତରରେ ବ୍ୟବହୃତ ପ୍ରତ୍ୟୟକୁ 'ତଦ୍ଧିତ' ଓ ନିର୍ମିତ ପଦକୁ 'ତଦ୍ଧିତ ପଦ' କୁହାଯାଏ । ସୁତରାଂ ପରସର୍ଗ / ପର ପ୍ରତ୍ୟୟ ଦ୍ୱାରା ଧାତୁ ଓ ଶବ୍ଦରେ ବିଭିନ୍ନ ଅର୍ଥ ପ୍ରତୀତି କ୍ରମେ ବିବିଧ ରୂପରୁ ନୂତନ ଶବ୍ଦ ଗଠିତ ହୋଇ ଓଡ଼ିଆ ଶବ୍ଦ ଭଣ୍ଡାରର ସଂବୃଦ୍ଧି ସାଧନ କରିଥିବାର ଲକ୍ଷ୍ୟ କରାଯାଏ । ନିମ୍ନରେ ପରପ୍ରତ୍ୟୟ ଗୁଡ଼ିକର ଆଲୋଚନା କରାଗଲା ।

## (୧) କୃଦନ୍ତ ପ୍ରତ୍ୟୟ

ପୂର୍ବରୁ କୁହାଯାଇଛି ଧାତୁରେ ଯୋଗ ହେଉଥିବା ବିଭିନ୍ନ ପ୍ରତ୍ୟୟଗୁଡ଼ିକୁ କୁହାଯାଏ 'କୃତ' ଏବଂ ସେଗୁଡ଼ିକର ସଂଯୋଗରେ ଗଠିତ ହେଉଥିବା ବ୍ୟୁତ୍ପନ୍ନ ଶବ୍ଦକୁ 'କୃଦନ୍ତ ଶବ୍ଦ' କୁହାଯାଏ । ଉଦାହରଣ ସ୍ୱରୂପ : 'ପାଠକ' ଶବ୍ଦଟିକୁ ନେଇ ବିଚାର କରାଯାଉ । ଏଥିରେ 'ପଠ୍' ଧାତୁରେ 'ଅକ୍' ପ୍ରତ୍ୟୟଟି ଯୋଗ ହୋଇ ବ୍ୟୁତ୍ପନ୍ନ ଶବ୍ଦଟି ହେଉଛି 'ପାଠକ' । ଏହା ହିଁ 'କୃଦନ୍ତ ପଦ' । 'କୃଦନ୍ତ ପଦ'ର ମୂଳପଦ ହେଉଛି ଧାତୁ ଓ ମୂଳଧାତୁକୁ କୁହାଯାଏ 'ପ୍ରକୃତି' । ପ୍ରକୃତିର ଅନ୍ତରେ ଯାହା ଯୋଗ କରାଯାଏ, ସେହି ଚିହ୍ନକୁ କୁହାଯାଏ 'ପ୍ରତ୍ୟୟ' ।

ଧାତୁର ପରେ ପ୍ରତ୍ୟୟଗୁଡ଼ିକ ବିଭିନ୍ନ ଅର୍ଥରେ ଯୁକ୍ତ ହୋଇଥାଏ । ସେହି ଅର୍ଥକୁ 'ବାଚ୍ୟ' କୁହାଯାଏ । ବାଚ୍ୟର ଆଭିଧାନିକ ଅର୍ଥ ହେଉଛି 'କ୍ରିୟା ସହିତ ବାକ୍ୟସ୍ଥ କର୍ତ୍ତା ଓ କର୍ମ ପ୍ରଭୃତିର ସମ୍ବନ୍ଧ । କଥନ ଶୈଳୀ ବା ଢଙ୍ଗରେ ପରିବର୍ତ୍ତନ ଘଟିଲେ ବାଚ୍ୟର ପରିବର୍ତ୍ତନ ଘଟିଥାଏ । ସାଧାରଣତଃ 'ବାଚ୍ୟ' ହେଉଛି ଦୁଇ ପ୍ରକାରର ଯଥା : କାରକ ବାଚ୍ୟ ଓ ଭାବବାଚ୍ୟ । କର୍ତ୍ତା, କର୍ମ, କରଣ, ସଂପ୍ରଦାନ, ଅପାଦାନ ଓ ଅଧିକରଣ ପ୍ରଭୃତି କାରକ ଅର୍ଥରେ ଧାତୁରେ ପ୍ରତ୍ୟୟ ଲାଗିଥିଲେ, ସେହି ଅର୍ଥକୁ 'କାରକବାଚ୍ୟ' କୁହାଯାଏ । ଅନ୍ୟପକ୍ଷରେ ଧାତୁର ଅର୍ଥକୁ 'ଭାବ' କୁହାଯାଏ । ଯେଉଁଠାରେ କୃଦନ୍ତ ଶବ୍ଦରୁ କେବଳ ଭାବ ବା ଧାତୁର ଅର୍ଥ ପ୍ରକାଶ ପାଏ, ତାହା 'ଭାବବାଚ୍ୟ' ।

### (କ) କାରକ ବାଚ୍ୟ :

### (୧) କର୍ତ୍ତୃକାରକ ବାଚ୍ୟ :

ଲିଖ୍ + ଅକ = ଲେଖକ (ଯିଏ ଲେଖେ)
କୃ + ତ = କର୍ତ୍ତା - ଯେ କରେ
ବଢ୍ + ଅନ୍ତା = ବଢ଼ନ୍ତା - ଯେ ବଢୁଛି

ପଠ୍ + ଅକ = ପାଠକ
ଜଗ + ଆଳି = ଜଗାଳି
ନୈ + ଅକ = ନାୟକ

### (୨) କର୍ମକାରକ ବାଚ୍ୟ :

ପଠ୍ + ତ = ପଠିତ - ଯାହା ପଢ଼ାଯାଇଛି ।
ଦା + ତବ୍ୟ = ଦାତବ୍ୟ - ଯାହାକୁ ଦେବା ଉଚିତ୍ ।
ଭାଳ୍ + ଏଣି = ଭାଳେଣି - ଯାହାକୁ ଭାଳନ୍ତି ।

ଦୃଶ୍+ଅନୀୟ = ଦର୍ଶନୀୟ—ଯାହାକୁ ଦର୍ଶନ କରିବାର କଥା।
ଲିଖ୍ + ତ = ଲିଖିତ—ଯାହାକୁ ଲେଖାଯାଇଛି।
ଦାତବ୍ୟ + ତବ୍ୟ= ଦାତବ୍ୟ—ଯାହାକୁ ଦେବା ଉଚିତ।
ବାଜ୍ + ଆ = ବାଜା—ଯାହାକୁ ବଜାନ୍ତି।

### (୩) କରଣ କାରକ ବାଚ୍ୟ :

ଖେଳ୍ + ଅଣା = ଖେଳଣା – ଯାହାକୁ ନେଇ ଖେଳନ୍ତି ।
ବିଞ୍ଚ୍ + ଅଣା = ବିଞ୍ଚଣା – ଯାହାଦ୍ୱାରା ବିଞ୍ଚି ହୁଅନ୍ତି।
ପିଟ୍ + ଅଣା = ପିଟଣା – ଯାହାଦ୍ୱାରା ପିଟା ଯାଏ।

ଶ୍ରୁ + ଅନ୍ = ଶ୍ରବଣ - ଯାହାଦ୍ୱାରା ଶୁଣାଯାଏ ।

ଲିଖ୍ + ଅନ + ଇ (ସ୍ତ୍ରୀ ପ୍ରତ୍ୟୟ) = ଲେଖନୀ –ଯାହାଦ୍ୱାରା ଲେଖନ୍ତି।

**(୪) ସଂପ୍ରଦାନ କାରକ ବାଚ୍ୟ :**

ଦା + ଅନୀୟ = ଦାନୀୟ - ଯାହାକୁ ଦାନ କରାଯାଏ ।

ସମ୍ - ପ୍ର - ଦା + ଅନ୍ = ସଂପ୍ରଦାନ - ଯେ ଦାନର ଯୋଗ୍ୟ

**(୫) ଅପାଦାନ କାରକ ବାଚ୍ୟ :**

ଭୀ + ଆନକ = ଭୟାନକ - ଯାହାକୁ ଦେଖି ଭୟ ଜାତ ହୁଏ ।

ଝର + ଇ = ଝରି - ଯହିଁରୁ ଝରେ

ଗଡ୍ + ଉ = ଗଡୁ - ଯହିଁରୁ ଗଡ଼େ

ଭୀ+ମ=ଭୀମ– ଯାହାଠାରୁ ଭୟ ମିଳେ।

**(୬) ଅଧିକରଣ କାରକ ବାଚ୍ୟ :**

**(୬) ଅଧିକରଣ କାରକ :**

ଶୀ + ଯ + ଆ (ସ୍ତ୍ରୀଲିଙ୍ଗେଃ) = ଶଯ୍ୟା → ଯହିଁରେ ଶୁଅନ୍ତି ।

ବାରି - ଧା + ଇ ବାରିଧି → ଯେଉଁଠାରେ ବାରି (ଜଳ) ରହେ ।

ସ୍ଥା + ଅନ = ସ୍ଥାନ → ଯେଉଁଠାରେ ରହନ୍ତି ।

ବସ+ଅ= ବାସ–ଯହିଁରେ ବାସ କରାଯାଏ।

**ଭାବବାଚ୍ୟ :**

ଗମ + ଅନ୍ = ଗମନ (ଗମ୍ - ଯିବା, ଗମନ - ଯିବା)

| | |
|---|---|
| ଶୀ + ଅନ୍ = ଶୟନ | କୃ + ଯ = କାର୍ଯ୍ୟ |
| ମୃ + ଅନ = ମରଣ | ଖଟ୍ + ଅଣି = ଖଟଣି |
| ଚଳ୍ + ଅଣି = ଚଳଣି | କ୍ରୁଧ + ଅ = କ୍ରୋଧ |
| ବନ୍ଧ୍ + ଆଣ = ବନ୍ଧାଣ | ମାଗ୍ + ଅଣ = ମାଗଣ |
| ଗମ୍ + ତି = ଗତି | ବାଜ୍ + ଅଣ = ବାଜଣା |
| ଗା + ଉଣା = ଗାଉଣା | କୃ + ଯ = କାର୍ଯ୍ୟ |

ଯେଉଁଠାରେ କୃଦନ୍ତ ଶବ୍ଦ ଦ୍ୱାରା କେବଳ ଭାବ ବା ଧାତୁର ଅର୍ଥ ପ୍ରକାଶ ପାଏ, ସେଠାରେ ବିଶେଷ୍ୟ ପଦ ହୁଏ ।

**କୃଦନ୍ତ ପ୍ରକ୍ରିୟା :**

ଧାତୁରେ 'କୃତ' ପ୍ରତ୍ୟୟ ଲାଗି କୃଦନ୍ତ ଶବ୍ଦ ଗଠିତ ହେଲାବେଳେ କେତେକ ସ୍ଥଳରେ ଧାତୁରେ କିଛି ପରିବର୍ତ୍ତନ ହେବାର ଦେଖାଯାଏ । ସେହି ପରିବର୍ତ୍ତନ ଧାରାକୁ ସାଧାରଣତଃ ପାଞ୍ଚ ଭାଗରେ ବିଭାଗୀକରଣ କରାଯାଇଥାଏ । ଯଥା :

କୃଦନ୍ତ ପ୍ରକ୍ରିୟା

ଆଦେଶ — ଆଗମ — ଗୁଣ — ବୃଦ୍ଧି — ଲୋପ

**ବିଶ୍ଳେଷଣ :**

**(୧) ଆଦେଶ :**

ଗୋଟିଏ ବର୍ଣ୍ଣ ବଦଳରେ ଆଉ ଗୋଟିଏ ବର୍ଣ୍ଣ ବ୍ୟବହାର ହେଲେ ଯଥା :

ପଚ୍ + ଅ = ପାକ– 'ଚ' ସ୍ଥାନରେ 'କ୍'ର ଆଦେଶ ହୋଇଛି।

ଦୀ + ତ = ଦୀନ (ଏଠାରେ 'ତ' ସ୍ଥାନର 'ନ'ର ଆଦେଶ ହୋଇଛି ।)

ରୁଜ୍ + ଅ = ରୋଗ ('ଜ' ସ୍ଥାନରେ 'ଗ୍'ର ଆଦେଶ)

**(୨) ଆଗମ :**

ଗୋଟିଏ ବର୍ଣ୍ଣ ସମୀପରେ ବା ଦୁଇବର୍ଣ୍ଣ ମଧ୍ୟରେ ଅନ୍ୟ ଏକ ବର୍ଣ୍ଣର ସ୍ଥାପନା ଘଟିଲେ ଯଥା :

ଭୃ + ଯ = ଭୃତ୍ୟ ('ଯ' ସ୍ଥାନରେ 'ତ' ଆଗମ)

ନୃ + ୟ = ନୃତ୍ୟ ('ୟ' ସ୍ଥାନରେ 'ତ' ଆଗମ)

**(୩) ଗୁଣ :**

- 'ଇ' ବା 'ଈ' ସ୍ଥାନରେ = ଏ
- 'ଋ' ବା 'ଋ' ସ୍ଥାନରେ = 'ଅର୍'
- 'ଉ' ବା 'ଊ' ସ୍ଥାନରେ = 'ଓ' ହେବାକୁ ଗୁଣ କୁହାଯାଏ।
- ବିଦ୍ + ଦ = ବେଦ = ଏଠାରେ 'ଇ'ର ଗୁଣ ହୋଇ 'ଏ' ହୋଇଛି।
- ନୀ + ଅନ୍ = ନୟନ = ଏଠାରେ 'ଈ' ସ୍ଥାନରେ 'ଏ' ହୋଇଛି।
- ଭୂ + ଅନ୍ = ଭବନ = ଏଠାରେ 'ଊ' ସ୍ଥାନରେ 'ଓ' ହୋଇ ପରେ ସନ୍ଧି ହୋଇଛି।
- କୃ + ଅନ = କରଣ = 'ଋ' ସ୍ଥାନରେ 'ଅର୍' ହୋଇଛି।

**(୪) ବୃଦ୍ଧି :**

- 'ଅ' ସ୍ଥାନରେ = ଆ
- ଇ, ଈ ସ୍ଥାନରେ = ଐ
- ଉ, ଊ ସ୍ଥାନରେ = ଔ
- ଋ, ଋ ସ୍ଥାନରେ = ଆର ହେଲେ

ପଠ୍ + ଅକ = ପାଠକ

ପଚ୍ + ଅକ = ପାଚକ= 'ଅ' ସ୍ଥାନରେ 'ଆ'

ନୀ + ଅକ = ନାୟକ 'ଇ', 'ଈ' ସ୍ଥାନରେ 'ଐ' ହୋଇଛି ।

ଭୂ + ଉକ = ଭାବୁକ - 'ଉ' 'ଊ' ସ୍ଥାନରେ 'ଔ' ହୋଇଛି ।

ସ୍ତୁ + ଅକ୍ = ସ୍ତାବକ

କୃ + ଅକ୍=କାରକ

**(୫) ଲୋପ :**

କୌଣସି ବର୍ଣ୍ଣ ଅଦୃଶ୍ୟ ହେଲେ ବା କାଟ ଖାଇଲେ ଯଥା :

ମନ୍ + ତ = ମତ ('ନ୍' ଲୋପ)

ହନ୍ + ତ = ହତ ('ନ' ଲୋପ)

ଗମ୍ + ତ = ଗତ ('ମ' ଲୋପ)

‘କୃତ୍ ପ୍ରତ୍ୟୟ’ର ବିଭାଗୀକରଣ :

**କୃତ୍ ପ୍ରତ୍ୟୟ**

- ତତ୍ସମ
- ଅ-ତତ୍ସମ (ତଦ୍ଭବ ଓ ଦେଶଜ)

**(୧) ତତ୍ସମ କୃତ ପ୍ରତ୍ୟୟ :**

**(୧) ‘ଅକ୍’ ପ୍ରତ୍ୟୟ :**

| | | |
|---|---|---|
| ଖାଦ୍ + ଅକ = ଖାଦକ | କଥ୍ + ଅକ = କଥକ | ବି - ଧା + ଅକ = ବିଧାୟକ |
| ପଠ୍ + ଅକ = ପାଠକ | ଶାସ୍ + ଅକ = ଶାସକ | ଗୈ + ଅକ = ଗାୟକ |
| ଶିକ୍ଷ୍ + ଅକ = ଶିକ୍ଷକ | ଭକ୍ଷ୍ + ଅକ = ଭକ୍ଷକ | |
| | ଦୃଶ୍ + ଅକ =ଦର୍ଶକ | |

**(୨) ‘ଅନ୍’ ପ୍ରତ୍ୟୟ :**

| | | |
|---|---|---|
| ଗମ୍ + ଅନ = ଗମନ | ଚଲ୍ + ଅଲ = ଚଳନ | ଜୀବ + ଅନ = ଜୀବନ |
| ଲିଖ୍ + ଅନ = ଲିଖନ | ଭୂଷ୍ + ଅନ୍ = ଭୂଷଣ | ଭାଷ୍ + ଅନ = ଭାଷଣ |
| | ଜ୍ୱଲ + ଅନ୍ = ଜ୍ୱଳନ | ମଣ୍ଡ୍ + ଅନ = ମଣ୍ଡନ |

**(୩) ‘ଅନୀୟ’ ପ୍ରତ୍ୟୟ :**

| | |
|---|---|
| ପା + ଅନୀୟ = ପାନୀୟ | ମାନ୍ + ଅନୀୟ = ମାନନୀୟ |
| ପଠ୍ + ଅନୀୟ = ପଠନୀୟ | ସ୍ମୃ + ଅନୀୟ = ସ୍ମରଣୀୟ |
| କୃ + ଅନୀୟ = କରଣୀୟ | ପୂଜ୍ + ଅନୀୟ = ପୂଜନୀୟ |
| ଶ୍ରୁ + ଅନୀୟ = ଶ୍ରବଣୀୟ | ଶୁଭ୍ + ଅନୀୟ = ଶୋଭନୀୟ |

**(୪) ‘ଇ’ ପ୍ରତ୍ୟୟ :**

| | | |
|---|---|---|
| ସମ୍ - ଧା + ଇ = ସମାଧି | ବି - ଆ + ଧା + ଇ = ବ୍ୟାଧି | ଜଳ–ଧା +ଇ= ଜଳଧି |
| ଉପ - ଆ + ଧା + ଇ = ଉପାଧି | ସମ୍ - ଧା + ଇ = ସନ୍ଧି | ବି–ଧା + ଇ = ବିଧି |

**(୫) ‘ଇ’ ପ୍ରତ୍ୟୟ :**

| | | |
|---|---|---|
| ଯୁଜ୍ + ଇ = ଯୋଗୀ | ବି - ବିଚ୍ + ଇ = ବିବେକୀ | ଶ୍ରମ୍ + ଇ = ଶ୍ରମୀ |
| ଭୁଜ୍ + ଇ = ଭୋଗୀ | ତ୍ୟଜ୍ + ଇ = ତ୍ୟାଗୀ | ବି–ବିଚ୍ + ଇ = ବିବେକୀ |
| | | ରୁଗ୍ + ଇ = ରୋଗୀ |
| | | ପ୍ରତି – ଯୁଜ୍+ଇ=ପ୍ରତିଯୋଗୀ |

**(୬) ‘ଉ’ ପ୍ରତ୍ୟୟ**

| | | |
|---|---|---|
| ବି - ଭୂ + ଉ = ବିଭୁ | ମନ୍ + ଉ = ମଧୁ | ବନ+ଉ= ବେଣୁ |
| ଶମ୍ - ଭୂ + ଉ - ଶମ୍ଭୁ | ସାଧ୍ + ଉ = ସାଧୁ | ପ୍ର–ଭୂ+ଉ=ପ୍ରଭୁ |
| | | ବନ୍ଧ+ଉ = ବନ୍ଧୁ |
| ଭିକ୍ଷ୍ + ଉ = ଭିକ୍ଷୁ | ଶିଶ୍ + ଉ= ଶିଶୁ | ଇନନ୍ଦ୍ + ଉ = ଇନ୍ଦୁ |

(୭) 'ଉକ୍' ପ୍ରତ୍ୟୟ :

ନିନ୍ଦ୍ + ଉକ = ନିନ୍ଦୁକ

କାମ୍ + ଉକ = କାମୁକ

ଭୂ + ଉକ = ଭାବୁକ

ବୃଷ୍ + ଉକ = ବର୍ଷୁକ

ଜାଗୃ + ଉକ =ଜାଗରୁକ

(୮) 'ତ' ପ୍ରତ୍ୟୟ :

ଜୀବ + ତ =ଜୀବିତ

ଅର୍ଚ୍ଚ + ତ = ଅର୍ଚ୍ଚିତ

ଭନ୍ଜ + ତ = ଭଗ୍ନ

ଆ - ନନ୍ଦ୍ + ତ = ଆନନ୍ଦିତ

ପ୍ର - ଛଦ୍ + ତ = ପ୍ରଚ୍ଛନ୍ନ

ଦହ + ତ = ଦଗ୍ଧ

ପ୍ର - ଆପ୍ +ତ=ପ୍ରାପ୍ତ

ଗମ୍ + ତ = ଗତ

ଦା + ତ = ଦତ୍ତ

ଶିକ୍ଷ୍ + ତ = ଶିକ୍ଷିତ

ଖ୍ୟା + ତ = ଖ୍ୟାତ

ଶୁଧ୍ +ତ = ଶୁଦ୍ଧ

ଆ–ସନ୍ଜ+ତ =ଆସକ୍ତ

ତିରସ୍ – ଧା + ତ =ତିରୋହିତ

ଭଜ୍+ତ=ଭକ୍ତ

ମଦ୍+ତ=ମତ୍ତ

ଦୃପ+ତ=ଦୃପ୍ତ

ଚୂର = ତ=ଚୂର୍ଣ୍ଣ

ଚର + ତ= ଚରିତ

(୯) 'ତବ୍ୟ' ପ୍ରତ୍ୟୟ :

କୃ + ତବ୍ୟ = କର୍ତ୍ତବ୍ୟ

ଦା + ତବ୍ୟ = ଦାତବ୍ୟ

ଧୃ + ତବ୍ୟ = ଧର୍ତ୍ତବ୍ୟ

ଶ୍ରୁ + ତବ୍ୟ = ଶ୍ରୋତବ୍ୟ

ଦୃଶ୍ + ତବ୍ୟ = ଦ୍ରଷ୍ଟବ୍ୟ

ଗମ୍ + ତବ୍ୟ = ଗନ୍ତବ୍ୟ

ବଚ୍ + ତବ୍ୟ = ବକ୍ତବ୍ୟ

ମନ୍ + ତବ୍ୟ = ମନ୍ତବ୍ୟ

(୧୦) 'ତି' ପ୍ରତ୍ୟୟ :

ନୀ + ତି = ନୀତି

କମ୍ + ତି = କାନ୍ତି

ପ୍ରୀ + ତି = ପ୍ରୀତି

ଶମ୍+ତି = ଶାନ୍ତି

ଗୀ + ତି = ଗୀତି

ଖ୍ୟା + ତି = ଖ୍ୟାତି

ମନ୍+ ତି = ମତି

ଭ୍ରମ୍ +ତ = ଭ୍ରାନ୍ତି

ଭଜ୍ + ତି = ଭକ୍ତି

ଶକ୍ + ତି = ଶକ୍ତି

ଜନ୍ +ତି = ଜାତି

ସୃଜ୍+ତି=ସୃଷ୍ଟି

ଦୃଶ୍+ତି=ଦୃଷ୍ଟି

ତୃପ୍+ତି = ତୃପ୍ତି

(୧୧) 'ତୃ' ପ୍ରତ୍ୟୟ : (ଓଡ଼ିଆରେ 'ତୃ'ରୁ 'ତା' ହୁଏ । ସ୍ତ୍ରୀ ଲିଙ୍ଗରେ 'ତ୍ରୀ' ହୁଏ ।)

ପା + ତୃ = ପିତା

ଶ୍ରୁ + ତୃ = ଶ୍ରୋତା

ଜ୍ଞା + ତୃ = ଜ୍ଞାତା

ଦା+ତୃ=ଦାତା

ଧା+ତୃ=ଧାତା

ଭ୍ରାଜ୍+ତୃ=ଭ୍ରାତା

ଯୁଧ୍ + ତୃ = ଯୋଦ୍ଧା

ବି - ଜି + ତୃ = ବିଜେତା

ଶିକ୍ଷ୍+ତୃ=ଶିକ୍ଷୟିତ୍ରୀ

ନି-ଯମ୍+ତୃ=ନିୟନ୍ତା

ଗ୍ରହ+ତୃ=ଗ୍ରହୀତା

ସୃଜ୍+ତୃ = ସ୍ରଷ୍ଟା

ରଚ୍+ତୃ = ରଚୟିତା

(୧୨) 'ତ୍ର' ପ୍ରତ୍ୟୟ :

ନୀ + ତ୍ର = ନେତ୍ର

କ୍ଷି + ତ୍ର = କ୍ଷେତ୍ର

ଛଦ+ତ୍ର=ଛତ୍ର

ସ୍ତୁ+ତ୍ର=ସ୍ତୋତ୍ର

ପତ୍ + ତ୍ର = ପତ୍ର

ଶାସ୍ + ତ = ଶାସ୍ତ୍ର

ମା+ତ୍ର+ସ୍ତ୍ରୀ-ଆ=ମାତ୍ରା

ବସ୍+ତ୍ର=ବସ୍ତ୍ର

ଅସ୍+ତ୍ର=ଅସ୍ତ୍ର

ପା +ତ୍ର= ପାତ୍ର

(୧୩) ଯ (ଯ) ପ୍ରତ୍ୟୟ :

ପଠ୍ + ଯ = ପାଠ୍ୟ    ଦହ + ଯ = ଦାହ୍ୟ    ଧୃ + ଯ = ଧାର୍ଯ୍ୟ    ଦୃଶ୍ +ଯ = ଦୃଶ୍ୟ

କୃ +ଯ = କାର୍ଯ୍ୟ    ମନ୍ + ଯ = ମାନ୍ୟ    ସୃ + ଯ = ସୂର୍ଯ୍ୟ    ଶ୍ରୁ + ଯ = ଶ୍ରାବ୍ୟ

ଯୁଜ୍ + ଯ = ଯୋଗ୍ୟ

(୧୪) 'ର' ପ୍ରତ୍ୟୟ :

କ୍ଷୁଦ୍ + ର = କ୍ଷୁଦ୍ର    କ୍ଷିପ୍ +ର = କ୍ଷିପ୍ର    ଛିଦ୍ + ର = ଛିଦ୍ର

ନମ୍ + ର = ନମ୍ର    ରୁଦ୍ + ର= ରୁଦ୍ର    ହିନ୍‌ସ + ର = ହିଂସ୍ର

(୧୫) 'ଇଷ୍ଣୁ' ପ୍ରତ୍ୟୟ :

ବୃଧ୍ + ଇଷ୍ଣୁ = ବର୍ଦ୍ଧିଷ୍ଣୁ    ଚଳ + ଇଷ୍ଣୁ = ଚଳିଷ୍ଣୁ

ସହ୍ + ଇଷ୍ଣୁ = ସହିଷ୍ଣୁ    କ୍ଷି + ଇଷ୍ଣୁ = କ୍ଷୟିଷ୍ଣୁ

(୧୬) 'ଇତ୍ର' ପ୍ରତ୍ୟୟ :

ବହ୍ + ଇତ୍ର = ବହିତ୍ର    ଚର୍ + ଇତ୍ର = ଚରିତ୍ର

ପୂ + ଇତ୍ର = ପବିତ୍ର

(୧୭) 'ନ' ପ୍ରତ୍ୟୟ :

ପ୍ରଛ୍ + ନ = ପ୍ରଶ୍ନ    ରମ୍ + ନ = ରତ୍ନ    ତୃଷ୍ + ନ (ସ୍ତ୍ରୀ : ଆ) = ତୃଷ୍ଣା

ଯଜ୍ + ନ = ଯଜ୍ଞ    ସ୍ୱପ୍ + ନ = ସ୍ୱପ୍ନ    ଯତ୍ + ନ = ଯତ୍ନ

କୃଷ୍ + ନ= କୃଷ୍ଣ    ଯାଚ୍ + ନ (ସ୍ତ୍ରୀ.ଆ)=ଯାଚଞ୍ଚା

(ଖ) ଅ-ତତ୍ସମ 'କୃତ୍' ପ୍ରତ୍ୟୟ (ତଦ୍‌ଭବ ଓ ଦେଶଜ) :

ତଦ୍‌ଭବ :

(୧) 'ଅ' ପ୍ରତ୍ୟୟ :

ମାର୍ + ଅ = ମାର    କାନ୍ଦ୍ + ଅ = କାନ୍ଦ

ଖେଳ୍ + ଅ = ଖେଳ    ଡାକ୍ + ଅ = ଡାକ

ନାଚ୍ + ଅ = ନାଚ    କାଟ୍+ଅ = କାଟ

ଦଉଡ଼ + ଅ =ଦଉଡ଼    ଭିଡ୍ + ଅ = ଭିଡ଼

ଡର + ଅ = ଡର    ବୋଲ + ଅ = ବୋଲ

ଲେଖ + ଅ = ଲେଖ    ମୋଡ୍ + ଅ = ମୋଡ଼

(୨) 'ଅକ' ପ୍ରତ୍ୟୟ :

ମେଲ୍ + ଅକ = ମେଳକ

ଘୋଷ୍ + ଅକ= ଘୋଷକ

ପାଳ୍ + ଅକ = ପାଳକ

(୩) 'ଅଣ' ପ୍ରତ୍ୟୟ :

ଗଢ୍ + ଅଣ = ଗଢ଼ଣ ଝୁଲ୍ + ଅଣ = ଝୁଲଣ ମର୍ + ଅଣ = ମରଣ

ଫୁଟ + ଅଣ = ଫୁଟଣ ମାଗ୍ + ଅଣ = ମାଗଣ

ମେଳ୍ + ଅଣ = ମେଳଣ

(୪) 'ଅଣା' ପ୍ରତ୍ୟୟ :

ଖେଳ୍ + ଅଣା = ଖେଳଣା ଘଟ୍ + ଅଣା = ଘଟଣା

ଗଞ୍ଜ୍ + ଅଣା = ଗଞ୍ଜଣା କାନ୍ଦ୍ + ଅଣା = କାନ୍ଦଣା

ରାନ୍ଧ୍ + ଅଣା = ରାନ୍ଧଣା

(୫) 'ଅଣି' - ପ୍ରତ୍ୟୟ :

ଖଟ୍ + ଅଣି = ଖଟଣି ସହ + ଅଣ = ସହଣି ଲୋଟ୍ + ଅଣି = ଲୋଟଣି ଶୋଷ୍ + ଅଣି=ଶୋଷଣି

ଚଳ୍ + ଅଣି = ଚଳଣି ରହ + ଅଣ = ରହଣି ଘୋଡ଼୍ + ଅଣି = ଘୋଡ଼ଣି ଲୋଟ୍+ଅଣି=ଲୋଟଣି

କର୍ + ଅଣି = କରଣି

(୬) 'ଅତି' - ପ୍ରତ୍ୟୟ :

ଗଣ୍ + ଅତି = ଗଣତି ଭଣ୍ + ଅତି = ଭଣତି

ଭର୍ + ଅତି = ଭରତି

(୭) 'ଅନ୍' - ପ୍ରତ୍ୟୟ :

ଡୁବ + ଅନ୍ = ଡୁବନ ବିହ୍ + ଅନ = ବିହନ

(୮) 'ଅନ୍ତ'/ଅନ୍ତା / ଅନ୍ତୀ - ପ୍ରତ୍ୟୟ :

ଜ୍ୱଳ + ଅନ୍ତ = ଜ୍ୱଳନ୍ତ ଖଟ୍+ ଅନ୍ତି = ଖଟନ୍ତି

ଜୀବ୍ + ଅନ୍ତ = ଜୀବନ୍ତ ଚଳ୍ + ଅନ୍ତି = ଚଳନ୍ତି

ଚଳ୍ + ଅନ୍ତା = ଚଳନ୍ତା ଫେର୍ + ଅନ୍ତା = ଫେରନ୍ତା

(୯) 'ଆ' - ପ୍ରତ୍ୟୟ :

କହ + ଆ = କୁହା ଚିର୍ + ଆ = ଚିରା ଝୁଲ୍ + ଆ = ଝୁଲା

ଦେ + ଆ = ଦିଆ ପୋଡ଼୍ + ଆ = ପୋଡ଼ା ଖା + ଆ = ଖିଆ

ଦେଖ୍ + ଆ = ଦେଖା ଟାଣ + ଆ = ଟଣା

(୧୦) 'ଆଇ' - ପ୍ରତ୍ୟୟ :

ଜୋଡ଼୍ + ଆଇ = ଜୋଡ଼ାଇ

ବାନ୍ଧ୍ + ଆଇ = ବନ୍ଧାଇ

ଲଢ଼୍ + ଆଇ = ଲଢ଼ାଇ ଗଢ଼୍ + ଆଇ = ଗଢ଼ାଇ

(୧୦) 'ଆଣ' - ପ୍ରତ୍ୟୟ :

ଉଠ୍ + ଆଣ = ଉଠାଣ ବନ୍ଦ + ଆଣ = ବନ୍ଦାଣ

ମିଶ୍ + ଆଣ = ମିଶାଣ ଲାଗ୍ + ଆଣ = ଲଗାଣ

ଭାସ୍ + ଆଣ = ଭସାଣ କାଢ଼୍ + ଆଣ = କଢ଼ାଣ

ଡର + ଆଣ = ଡରାଣ ଫେଡ଼୍ + ଆଣ = ଫେଡ଼ାଣ

ମାଡ଼୍+ ଆଣ = ମଡ଼ାଣ

**(୧୨) 'ଆଣି' - ପ୍ରତ୍ୟୟ :**

ଉଠ୍ + ଆଣି = ଉଠାଣି
ଭାସ୍ + ଆଣି = ଭସାଣି
ଚାହଁ + ଆଣି = ଚାହାଁଣି
ଶୁଣ + ଆଣି = ଶୁଣାଣି
ଫୁଟ୍ + ଆଣି = ଫୁଟାଣି
ଗଡ୍ + ଆଣି = ଗଡ଼ାଣି

**(୧୩) 'ଆଣିଆ' - ପ୍ରତ୍ୟୟ :**

ଉଠ୍ + ଆଣିଆ = ଉଠାଣିଆ
ଭୁଲ୍ + ଆଣିଆ = ଭୁଲାଣିଆ
ଦେଖ୍ + ଆଣିଆ = ଦେଖାଣିଆ
ଗଡ଼୍ + ଆଣିଆ = ଗଡ଼ାଣିଆ
ଲାଗ୍ + ଆଣିଆ = ଲଗାଣିଆ

**(୧୪) 'ଆଳି' - ପ୍ରତ୍ୟୟ :**

ଖେଳ୍ + ଆଳି = ଖେଳାଳି
ବଢ୍ + ଆଳି = ବୁଢାଳି
ବିକ୍ + ଆଳି = ବିକାଳି
ଚଢ୍ + ଆଳି = ଚଢାଳି
ଜଗ୍ + ଆଳି = ଜଗାଳି
ଛୋ + ଆଳି = ଛୁଆଳି
ବୋବ୍ + ଆଳି =ବୋବାଳି
ଧର୍ + ଆଳି = ଧରାଳି
ପଢ଼ + ଆଳି = ପଢ଼ାଳି

**(୧୫) 'ଇ' - ପ୍ରତ୍ୟୟ :**

ଚାଲ + ଇ = ଚାଲି
ପୋଡ଼ + ଇ = ପୋଡ଼ି
ରଡ୍+ଇ = ରଡ଼ି
ମେଳ୍+ଇ=ମେଳି
ଲୁଟ୍ + ଇ = ଲୁଟି
ବଢ଼୍ + ଇ =ବଢ଼ି
ଧୋ + ଇ = ଧୋଇ
ବୋଲ୍ + ଇ = ବୋଲି
ଚାଲି+ ଇ= ଚାଲି
ଯୋଡ଼+ ଇ = ଯୋଡ଼ି

**(୧୬) 'ଇଆ' - ପ୍ରତ୍ୟୟ :**

ଖା + ଇଆ = ଖିଆ
ଦେ+ ଇଆ = ଦିଆ
ନେ + ଇଆ = ନିଆ
ପି + ଇଆ = ପିଆ

**(୧୭) 'ଇଣି/ଏଣି' - ପ୍ରତ୍ୟୟ :**

ଜାଲ୍ + ଇଣି/ଏଣି = ଜାଳିଣି/ଜାଳେଣି
ବାନ୍ଧ୍ + ଇଣି/ଏଣି = ବାନ୍ଧିଣି/ବାନ୍ଧେଣି
ଭାଲ୍ + ଇଣି/ଏଣି = ଭାଳେଣି/ଭାଳେଣି
ବାଜ୍ + ଇଣି/ଏଣି = ବାଜିଣି / ବାଜେଣି

**(୧୮) 'ଇବା'/'ଇବାର' - ପ୍ରତ୍ୟୟ :**

ଖା + ଇବା / ଇବାର = ଖାଇବା / ଖାଇବାର
ନାଚ୍ + ଇବା/ଇବାର = ନାଚିବା/ନାଚିବାର
ପଢ଼ + ଇବା / ଇବାର = ପଢ଼ିବା / ପଢ଼ିବାର
ଭେଟ + ଇବା / ଇବାର = ଭେଟିବା/ ଭେଟିବାର
ପି + ଇବା / ଇବାର= ପିଇବା/ପିଇବାର
ରହ୍+ଇବା / ଇବାର= ରହିବା/ରହିବାର

**(୧୯) 'ଇଲା' - ପ୍ରତ୍ୟୟ :**

ଖା + ଇଲ = ଖାଇଲା
ଧର୍ + ଇଲ = ଧରିଲୀ
ପିନ୍ଧ୍ + ଇଲା = ପିନ୍ଧିଲା
ଚଢ଼୍ + ଇଲା = ଚଢ଼ିଲା
ଝଡ଼ + ଇଲା = ଝଡ଼ିଲା
ଗମ୍+ଇଲା= ଗଲା
ଗଢ଼୍ + ଇଲା = ଗଢ଼ିଲା
ରାନ୍ଧ୍ + ଇଲା = ରାନ୍ଧିଲା
ଶୋ + ଇଲା=ଶୋଇଲା
ଶୁଖ୍ + ଇଲା = ଶୁଖିଲା

**(୨୦) ଉ/ଉଁ/ଉଣୁ - ପ୍ରତ୍ୟୟ :**

ଚାଲ + ଉ = ଚାଲୁ

ଥା + ଉଁ = ଥାଉଁ

ଥା + ଉଣୁ = ଥାଉଣୁ

ଉଠ୍ + ଉଣୁ = ଉଠୁଣୁ

ଝାଡ + ଉ = ଝାଡୁ

ମାର୍ + ଉ = ମାରୁ

ବସ୍ + ଉଣୁ = ବସୁଣୁ

**(୨୧) 'ଉଆ' - ପ୍ରତ୍ୟୟ :**

କାଢ଼୍ + ଉଆ = କାଢୁଆ

ଡର୍ + ଉଆ = ଡରୁଆ

ଡର୍+ ଉଆ = ଡରୁଆ

ପଢ଼୍ + ଉଆ = ପଢୁଆ

ଲାଜ୍ + ଉଆ = ଲାଜୁଆ

ଲଢ଼୍ + ଉଆ = ଲଢୁଆ

ଧାର୍ + ଉଆ = ଧାରୁଆ

ଥୋ + ଇଆ = ଥୁଆ

**(୨୨) 'ଉଣା / ଉଣି' ପ୍ରତ୍ୟୟ :**

ପା + ଉଣା = ପାଉଣା

ଗା + ଉଣା = ଗାଉଣା

ଢାଙ୍କ + ଉଣି = ଢାଙ୍କୁଣି

ପରଶୁ + ଉଣି=ପରଶୁଣି

ମାଗ୍ + ଉଣି = ମାଗୁଣି

ରାନ୍ଧ୍ + ଉଣି = ରାନ୍ଧୁଣି

ମାପ୍+ଉଣି=ମାପୁଣି

**(୨୩) ଉ ଥିବା / ଇଥିବା / ଉଥିଲେ / ଇଥିଲା ପ୍ରତ୍ୟୟ :**

ଦେ + ଉଥିବା = ଦେଉଥିବା

ଚର + ଉଥିବା = ଚରୁଥିବା

ପା +ଉଥିଲା = ପାଉଥିଲା

ପାଇ + ଇଥିଲ = ପାଇଥିଲା

ଶୋ + ଇଥିବା = ଶୋଇଥିବା

ଦେ + ଇଥିବା = ଦେଇଥିବା

ଶୁଣ + ଇଥିଲା = ଶୁଣିଥିଲା

ଶୋ + ଉଥିଲା = ଶୋଉଥିଲା

**(୨୪) 'ଉଳା' ପ୍ରତ୍ୟୟ :**

ଧୋ + ଉଳା = ଧଉଳା

**(୨୫) 'କା' ପ୍ରତ୍ୟୟ :**

ତର୍ + କା = ତରକା

ବଲ୍ + କା = ବଲକା

**(୨୬) 'ରା' ପ୍ରତ୍ୟୟ :**

ଚିହ୍ନ + ରା = ଚିହ୍ନରା

ବାଣ୍ଟ + ରା = ବାଣ୍ଟରା

ଡାକ୍ + ରା = ଡାକରା

**ଦେଶଜ :**

**(୧) 'ଅଡ଼ା' ପ୍ରତ୍ୟୟ :**

ଖସ୍ + ଅଡ଼ା = ଖସଡ଼ା

ସିଞ୍ଚ୍ + ଅଡ଼ା = ସିଞ୍ଚଡ଼ା / ଛିଞ୍ଚଡ଼ା

**(୨) 'ଉଆଡ଼' - ପ୍ରତ୍ୟୟ :**

ଖେଳ୍ + ଉଆଡ଼ = ଖେଳୁଆଡ଼

(୩) **'ଉଆଳ' - ପ୍ରତ୍ୟୟ :**

ରଖ୍ + ଉଆଳ = ରଖୁଆଳ ଜଗ୍ + ଉଆଳ = ଜଗୁଆଳ

ଖେଳ୍ + ଉଆଳ = ଖେଳୁଆଳ

(୪) **'ଉଆରା' - ପ୍ରତ୍ୟୟ :**

ବାଣ୍ଟ + ଉଆରା = ବଣ୍ଟୁଆରା (ବଣ୍ଟନ)

(୫) **'ଉଟି' - ପ୍ରତ୍ୟୟ :**

ଖା + ଉଟି = ଖାଉଟି

(୬) **'ଉଡ଼ି' - ପ୍ରତ୍ୟୟ :**

ଧାଁ + ଉଡ଼ି = ଧାଉଁଡ଼ି

ମର୍ + ଉଡ଼ି = ମରୁଡ଼ି

(୭) ପୂର୍ବରେ ଉପପଦ ଥାଇ କେତେକ ଧାତୁର ଉତ୍ତରରେ 'ଆ' ପ୍ରତ୍ୟୟ ହୁଏ । ଯେପରି–

ବୋଲ୍ +କର୍= ଆ = ବୋଲକରା

ମନ୍ + ଚୋର୍ + ଆ = ମନଚୋରା

ମାଇପ୍ + ବୋଲ୍ + ଆ =ମାଇପବୋଲା

ଗାତ୍ + ପଶ୍ + ଆ = ଗାତପଶା

ଛତର୍ + ଖା+ ଆ = ଛତରଖିଆ

ତଣ୍ଟି + କାଟ୍ + ଆ = ତଣ୍ଟିକଟା

ସବା + ଖା + ଆ = ସବାଖିଆ

## ତଦ୍ଧିତ

ଓଡ଼ିଆ ଭାଷାରେ କୃତ ପ୍ରତ୍ୟୟ ପରି 'ତଦ୍ଧିତ ପ୍ରତ୍ୟୟ' ପର ପ୍ରତ୍ୟୟ ଭାବରେ ଗ୍ରହଣ କରାଯାଇଥାଏ । କୃଦନ୍ତ ଧାତୁଗତ ପ୍ରତ୍ୟୟ ହୋଇଥିବାବେଳେ ତଦ୍ଧିତ ଶବ୍ଦ କୈନ୍ଦ୍ରିକ ପ୍ରତ୍ୟୟ ହୋଇଥାଏ । ଭକ୍ତି, ଭାବ, ସମୃଦ୍ଧି, ଅପତ୍ୟ, ସମ୍ବନ୍ଧ, ନିବାସ, ଜାତ, ଅଛି, ବିକାର, ସ୍ୱାର୍ଥ, ହେତୁ, ସହାର୍ଥ, ଉତ୍କର୍ଷ, ଅପକର୍ଷ, ପ୍ରାପ୍ତି, ସ୍ୱ, ବ୍ୟାପ୍ତି, ଆକାର, ଗୁଣ, ଆଚରଣ, ହିତ, ସଂଖ୍ୟା, ପରିମାଣ, ତୁଳନା, ବୃତ୍ତି, ପ୍ରୟୋଜନ ଓ ଅଭ୍ୟାସ ଆଦି ଭାବାର୍ଥ ପ୍ରକାଶନରେ ଶବ୍ଦର ଉତ୍ତର ପର୍ବରେ ଅ, ଆ, ଇ, ଇନ, ଇକ୍, ଗିରି, ଟି, ଟା, ଡା, ଡାଲି, ଖାନା, ଦାର, ଆଳ, ଉଆଳ ପ୍ରଭୃତି ପ୍ରତ୍ୟୟ ସଂଯୋଗରେ ଗଠିତ ନୂତନ ଶବ୍ଦକୁ କୁହାଯାଏ 'ତଦ୍ଧିତ ପଦ' । ଶବ୍ଦ ପ୍ରାତିପଦିକ ପ୍ରତ୍ୟୟକୁ କୁହାଯାଏ 'ତଦ୍ଧିତ ପ୍ରତ୍ୟୟ' । 'ତଦ୍ଧିତ'ର ଅର୍ଥ ହେଉଛି 'ତାହାର (ତତ୍‌ସହିତ) ହିତକାରୀ । ଏଠାରେ ତାହାର ମାନେ 'ମୂଳ ଶବ୍ଦ'କୁ ହିଁ ବୁଝାଏ । ଅର୍ଥାତ୍ ତଦ୍ଧିତ ପ୍ରତ୍ୟୟ ଦ୍ୱାରା ମୂଳ ବା ପ୍ରଥମ ଶବ୍ଦର ଉନ୍ନତି ଘଟେ । ସେଥିରୁ ନୂତନ ଶବ୍ଦ ସୃଷ୍ଟି ହୁଏ । ତେଣୁ ମୂଳ ଶବ୍ଦର ପରବର୍ତ୍ତୀ ଦ୍ୱିତୀୟ ଶବ୍ଦକୁ 'ତଦ୍ଧିତ' କୁହାଯାଏ । ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ ଏହାର ସଂଜ୍ଞା ଏପରି ନିର୍ଦ୍ଧାରଣ କରାଯାଇପାରେ ।

"ନୂତନ ଶବ୍ଦ ଗଠନ ନିମନ୍ତେ ଶବ୍ଦର ଉତ୍ତରରେ ଭିନ୍ନାର୍ଥ ପ୍ରକାଶ ପୂର୍ବକ ଯେଉଁସବୁ ପ୍ରତ୍ୟୟ ବ୍ୟବହାର କରାଯାଏ ତାହାକୁ 'ତଦ୍ଧିତ' ଓ ପ୍ରତ୍ୟୟ ଯୋଗେ ନିଷ୍ପନ୍ନ ପଦକୁ 'ତଦ୍ଧିତ ପଦ' କୁହାଯାଏ ।

ଉଦାହରଣ : ଘର + ଣୀ = ଘରଣୀ

ପରିବାର + ଇକ = ପାରିବାରିକ

ଗ୍ରାମ + ୟ / ଯ = ଗ୍ରାମ୍ୟ

ଜାତି + ଇୟ = ଜାତୀୟ

ଦେଶ୍ + ଇନ (ଈ) = ଦେଶୀୟ

ଏଠାରେ ଘର, ପରିବାର, ଗ୍ରାମ, ଜାତି ଓ ଦେଶ ଏକ ଏକ ମୂଳ ବା ମୁକ୍ତରୂପ । ଏଥିରେ ଣୀ, ଇକ, ୟ, ଇୟ, ଈ ଇତ୍ୟାଦି ପ୍ରତ୍ୟୟ ଲାଗିଛି । ଏଥିରୁ ବ୍ୟୁତ୍ପନ୍ନ ତଦ୍ଧିତ ପଦ ହେଉଛି ଘରଣୀ, ପାରିବାରିକ, ଗ୍ରାମ୍ୟ, ଜାତୀୟ ଓ ଦେଶୀୟ ।

**'ତଦ୍ଧିତ'ର ପ୍ରକାରଭେଦ ଓ ପ୍ରୟୋଗ :**

**ଓଡ଼ିଆ ତଦ୍ଧିତ ପ୍ରତ୍ୟୟ**

(୧) ତତ୍ସମ ତଦ୍ଧିତ

(୨) ତଦ୍‌ଭବ ଓ ଦେଶଜ ତଦ୍ଧିତ

(୩) ବୈଦେଶିକ ତଦ୍ଧିତ

**ବିଶ୍ଳେଷଣ :**

**(୧) ତତ୍ସମ - ତଦ୍ଧିତ ପ୍ରତ୍ୟୟ :**

**(କ) ଅପତ୍ୟ (ବଂଶୀୟ) ଅର୍ଥରେ :**

**'ଅ' ପ୍ରତ୍ୟୟ :**

ମନୁ + ଅ = ମାନବ

ଭରଦ୍ୱାଜ + ଅ = ଭରଦ୍ୱାଜ

ବସୁଦେବ + = ବାସୁଦେବ

କୁଶିକ + ଅ = କୌଶିକ

ପୁତ୍ର + ଅ = ପୌତ୍ର

କୁରୁ + ଅ = କୌରବ

ପଣ୍ଡୁ + ଅ = ପାଣ୍ଡବ

ଦନୁ + ଅ = ଦାନବ

ପୃଥା + ଅ = ପାର୍ଥ

କୃତ୍ତିକା + ଅ = କାର୍ତ୍ତିକ

ଜନକ + ଅ + ସ୍ତ୍ରୀ ପ୍ରତ୍ୟୟ-ଈ = ଜାନକୀ

ଯଦୁ + ଅ = ଯାଦବ

**'ଆୟନ' ପ୍ରତ୍ୟୟ :**

ଶକଟ + ଆୟନ = ଶାକଟାୟନ

କାତ୍ୟ + ଆୟନ = କାତ୍ୟାୟନ

ନର + ଆୟନ = ନାରାୟଣ

ବାତ୍ସ୍ୟ + ଆୟନ = ବାତ୍ସାୟନ

ଅମୃତ + ଆୟନ = ଅମୃତାୟନ

**'ଇ' ପ୍ରତ୍ୟୟ :**

ମରୁତ + ଇ = ମାରୁତି

ପବନ + ଇ = ପାବନି

ଦ୍ରୋଣ + ଇ = ଦ୍ରୌଣି

ଭଗୀରଥ + **ଇ** = ଭାଗୀରଥି

ଦଶରଥ + **ଇ** = ଦାଶରଥି

‘ଏୟ’ ପ୍ରତ୍ୟୟ :

ରାଧା + ଇୟ = ରାଧେୟ

କୁନ୍ତୀ + ଏୟ = କୌନ୍ତୀୟ

କୃତିକା + ଏୟ = କାର୍ତ୍ତିକେୟ

ବିନତା + ଏୟ = ବୈନତେୟ

ସୁମିତ୍ରା + ଏୟ = ସୌମିତେୟ

ବିମାତୃ + ଏୟ = ବୈମାତ୍ରେୟ

ମୃକଣ୍ଡୁ + ଏୟ = ମାର୍କଣ୍ଡେୟ

ଗଂଗା + ଏୟ = ଗାଙ୍ଗେୟ

‘ୟ’ ପ୍ରତ୍ୟୟ :

ଅଦିତି + ୟ = ଆଦିତ୍ୟ

ଚଣକ + ୟ = ଚାଣକ୍ୟ

ଗର୍ଗ + ୟ = ଗାର୍ଗ୍ୟ

କୁଟିଳ + ୟ = କୌଟିଲ୍ୟ

କୋଶଳ + ୟ + ସ୍ତ୍ରୀ - ଆ = କୌଶଲ୍ୟା

ଯଜ୍ଞବଲ୍କ +ୟ = ଯାଜ୍ଞବଲ୍କ୍ୟ

ଦିତି + ୟ = ଦୈତ୍ୟବ

କୁଟିଳ + ୟ = କୌଟିଲ୍ୟ

(ଖ) ‘ଅଛି’ ଅର୍ଥରେ ପ୍ରତ୍ୟୟ

**ଆଳୁ -ପ୍ରତ୍ୟୟ**

ଦୟା + ଆଳୁ = ଦୟାଳୁ

ତନ୍ଦ୍ରା + ଆଳୁ = ତନ୍ଦ୍ରାଳୁ

ନିଦ୍ରା + ଆଳୁ = ନିଦ୍ରାଳୁ

ଶ୍ରଦ୍ଧା + ଆଳୁ = ଶ୍ରଦ୍ଧାଳୁ

କୃପା + ଆଳୁ = କୃପାଳୁ

ଭୟ + ଆଳୁ = ଭୟାଳୁ

**ର - ପ୍ରତ୍ୟୟ**

ପାଣ୍ଡୁ + ର = ପାଣ୍ଡୁର

ମଧୁ + ର = ମଧୁର

ମୁଖ + ର = ମୁଖର

ନଗ + ର = ନଗର

କୁଞ୍ଜ + ର = କୁଞ୍ଜର

**ଇନ୍ -ପ୍ରତ୍ୟୟ**

ଧନ + ଇନ = ଧନୀ

ମାନ + ଇନ = ମାନୀ

ପକ୍ଷ + ଇନ = ପକ୍ଷୀ

ଜ୍ଞାନ + ଇନ = ଜ୍ଞାନୀ

ତ୍ୟାଗ + ଇନ = ତ୍ୟାଗୀ

ଦୁଃଖ + ଇନ୍= ଦୁଃଖୀ

ଗୁଣ + ଇନ = ଗୁଣୀ

ହସ୍ତ + ଇନ = ହସ୍ତୀ

**ଳ - ପ୍ରତ୍ୟୟ**

ମାଂସ + ଳ = ମାଂସଳ

ମଞ୍ଜୁ + ଳ = ମଞ୍ଜୁଳ

ଛବି + ଳ = ଛବିଳ

ଶ୍ୟାମ + ଳ = ଶ୍ୟାମଳ

ବହୁ + ଳ = ବହୁଳ

ଅଶ୍ରୁ + ଳ = ଅଶ୍ରୁଳ

ବତ୍ସ + ଳ = ବତ୍ସଳ

ଶୀତ + ଳ = ଶୀତଳ

ପୃଥୁ + ଳ = ପୃଥୁଳ

ପିଙ୍ଗ + ଳ = ପିଙ୍ଗଳ

**ଇଳ - ପ୍ରତ୍ୟୟ**

ପିଚ୍ଛ + ଇଳ = ପିଚ୍ଛିଳ

କୁଟ + ଇଳ = କୁଟିଳ

ଜଟା + ଇଳ = ଜଟିଳ

ପ୍ରଶ୍ନ + ଇଳ = ପ୍ରଶ୍ନିଳ

**ଶ - ପ୍ରତ୍ୟୟ**

ଲୋମ + ଶ = ଲୋମଶ

କର୍ମ + ଶ = କର୍କଶ

କର୍କ + ଶ = କପିଶ

ଫେନ + ଇଳ = ଫେନିଳ

ସ୍ୱପ୍ନ + ଇଳ = ସ୍ୱପ୍ନିଳ

ପଙ୍କ + ଇକ = ପଙ୍କିଳ

**ବ -ପ୍ରତ୍ୟୟ**

ଅର୍ଣ୍ଣ + ବ = ଅର୍ଣ୍ଣବ

କେଶ + ବ = କେଶବ

ଗାଣ୍ଡି (ଗ୍ରନ୍ଥି) + ବ = ଗାଣ୍ଡି (1)ବ

**ବତ୍ / ମତ୍ - ପ୍ରତ୍ୟୟ**

ଧନ + ବତ୍ = ଧନବତ୍

ଦୟା + ବତ୍ = ଦୟାବାନ୍

ଭାଗ୍ୟ + ବତ = ଭାଗ୍ୟବାନ

ବୁଦ୍ଧି + ମତ = ବୁଦ୍ଧିମାନ

ଆୟୁଃ + ମତ = ଆୟୁଷ୍ମାନ୍

ଭଗ + ବତ = ଭଗବାନ

ଜ୍ଞାନ +ବତ = ଜ୍ଞାନବାନ

ଭାଗ୍ୟ + ବତ୍= ଭାଗ୍ୟବାନ

ଅଂଶୁ + ମତ୍= ଅଂଶୁମାନ

ଭଗ + ବତ୍ = ଭଗବାନ

ଶ୍ରୀମ + ମତ = ଶ୍ରୀମାନ

ହନୁ + ମତ = ହନୁମାନ

**ଶାଳିନ୍ - ପ୍ରତ୍ୟୟ**

ଗୁଣ + ଶାଳିନ୍ = ଗୁଣଶାଳୀ

ଐଶ୍ୱର୍ଯ୍ୟ+ ଶାଳିନ =ଐଶ୍ୱର୍ଯ୍ୟଶାଳୀ

ବିଭବ + ଶାଳିନ୍ = ବିଭବଶାଳୀ

ବଳ + ଶାଳିନ୍ = ବଳଶାଳୀ

ଧନ + ଶାଳିନ୍ = ଧନଶାଳୀ

ଶକ୍ତି + ଶାଳିନ୍ = ଶକ୍ତିଶାଳୀ

ସମୃଦ୍ଧି + ଶାଳିନ୍ = ସମୃଦ୍ଧିଶାଳୀ

**ବିନ୍ ପ୍ରତ୍ୟୟ**

ମେଧା + ବିନ୍ = ମେଧାବୀ

ମନଃ + ବିନ୍= ମନସ୍ୱୀ

ତପଃ + ବିନ୍ = ତପସ୍ୱୀ

ମାୟା + ବିନ୍ = ମାୟାବୀ

ତେଜଃ + ବିନ୍ = ତେଜସ୍ୱୀ

ଓଜଃ + ବିନ୍ = ଓଜସ୍ୱୀ

ଯଶଃ + ବିନ୍ = ଯଶସ୍ୱୀ

**(ଗ) ଭବ (ଜାତ) ବା ସମ୍ବନ୍ଧୀୟ ଅର୍ଥରେ :**

**ଅ -ପ୍ରତ୍ୟୟ**

ଅରଣ୍ୟ + ଅ = ଆରଣ୍ୟ

ଶରତ୍ + ଅ = ଶାରଦ

ଭୂମି + ଅ = ଭୌମ

ମଗଧ + ଅ = ମାଗଧ

ନିଷଧ + ଅ = ନୈଷଧ

ମଥୁରା +ଅ = ମଥୁରା

ତିଳ + ଅ = ତୈଳ

**ଈୟ - ପ୍ରତ୍ୟୟ**

ଉତ୍କଳ + ଈୟ = ଉତ୍କଳୀୟ

ବଂଗ + ଈୟ = ବଙ୍ଗୀୟ

ଭାରତ + ଈୟ = ଭାରତୀୟ

**ଇକ -ପ୍ରତ୍ୟୟ**

ସମୁଦ୍ର + ଇକ = ସାମୁଦ୍ରିକ

ଅକାଳ + ଇକ = ଆକାଳିକ

ମୂଳ + ଇକ = ମୌଳିକ

ସତ୍ତ୍ୱ + ଇକ = ସାତ୍ତ୍ୱିକ

ତତ୍କାଳ + ଇକ = ତାତ୍କାଳିକ

ମନସ୍ + ଇକ = ମାନସିକ

ମନସ୍ + ଇକ = ମାନସିକ

ଲୋକ + ଇକ = ଲୌକିକ

**ଇନ -ପ୍ରତ୍ୟୟ**

ନବ + ଇନ = ନବୀନ

କୁଳ + ଇନ = କୁଳୀନ / କୌଳୀନ

ଗ୍ରାମ + ଇନ = ଗ୍ରାମୀଣ

**ଇୟ - ପ୍ରତ୍ୟୟ**

ସ୍ୱର୍ଗ + ଇୟ = ସ୍ୱର୍ଗୀୟ

ଦେଶ + ଇୟ = ଦେଶୀୟ

ଜଳ + ଇୟ = ଜଳୀୟ

ବଂଗ + ଇୟ = ବଂଗୀୟ

ବିବାଦ + ଇୟ = ବିବାଦୀୟ

**ମ, ଇମ -ପ୍ରତ୍ୟୟ**

ଆଦି + ମ = ଆଦିମ

ମଧ୍ୟ + ମ = ମଧ୍ୟମ

ଅନ୍ତ + ଇମ = ଅନ୍ତିମ

ପଶ୍ଚାତ୍ + ଇମ = ପଶ୍ଚିମ

ଅଗ୍ର + ଇମ = ଅଗ୍ରିମ

**କ - ପ୍ରତ୍ୟୟ**

ପିତୃ + କ = ପୈତୃକ

ଭ୍ରାତୃ +କ = ଭାତୃକ

ବିମାତୃ + କ = ବୈମାତୃକ

**ୟ - ପ୍ରତ୍ୟୟ**

ଗୋ + ୟ = ଗବ୍ୟ, ଗୃହସ୍ଥ + ୟ = ଗାର୍ହସ୍ଥ୍ୟ

କଣ୍ଠ + ୟ = କଣ୍ଠ୍ୟ, ଇଶାନ + ୟ = ଐଶାନ୍ୟ

ଗ୍ରାମ + ୟ = ଗ୍ରାମ୍ୟ

ଦିବ୍ + ୟ = ଦିବ୍ୟ

ବହିଃ + ୟ = ବାହ୍ୟ

**(୪) ସମ୍ବନ୍ଧ ଅର୍ଥରେ ପ୍ରତ୍ୟୟ**

**'ଅ' -ପ୍ରତ୍ୟୟ**

ନିଶା + ଅ = ନୈଶ

ପୃଥିବୀ + ଅ = ପାର୍ଥିବ

ଚକ୍ଷୁଷ୍ + ଅ = ଋକ୍ଷୁସ

ମାନସ୍ + ଅ = ମାନସ

ସିନ୍ଧୁ + ଅ = ସୈନ୍ଧବ

**(୫) ଭକ୍ତ / ଉପାସକ ଅର୍ଥରେ**

**ଅ - ପ୍ରତ୍ୟୟ**

ବିଷ୍ଣୁ + ଅ = ବୈଷ୍ଣବ

ଶିବ + ଅ = ଶୈବ

ସୁର୍ + ଅ = ସୌର

ଶକ୍ତି + ଅ = ଶାକ୍ତ

ବ୍ରହ୍ମ + ଅ = ବ୍ରାହ୍ମ

**'ଇକ' -ପ୍ରତ୍ୟୟ**

ମନସ୍ + ଇକ = ମାନସିକ

ଶରୀର + ଇକ = ଶାରୀରିକ

ଅଣୁ + ଇକ = ଆଣବିକ

ବର୍ଷ + ଇକ = ବାର୍ଷିକ

ପ୍ରଦେଶ + ଏକ = ପ୍ରାଦେଶିକ

ସମାଜ + ଇକ = ସାମାଜିକ

ମୂଳ + ଇକ = ମୌଳିକ

ବ୍ୟବହାର + ଇକ = ବ୍ୟାବହାରିକ

**'ଯ' - ପ୍ରତ୍ୟୟ**

ଗଣପତି + ଯ = ଗାଣପତ୍ୟ

ପଶୁପତି + ଯ = ପାଶୁପତ୍ୟ

ପ୍ରଜାପତି + ଯ = ପ୍ରଜାପତ୍ୟ

ବାୟୁ + ଯ = ବାୟବ୍ୟ

ଦନ୍ତ + ଯ = ଦନ୍ତ୍ୟ

ମୂର୍ଦ୍ଧନ + ଯ = ମୂର୍ଦ୍ଧନ୍ୟ

ତାଳୁ + ଯ= ତାଲବ୍ୟ

ନାସିକା + ଯ = ନାସିକ୍ୟ

**(୬) 'ସ୍ୱ' ଅର୍ଥକ ପ୍ରତ୍ୟୟ :**

**'ଅ' -ପ୍ରତ୍ୟୟ**

ବନ୍ଧୁ + ଅ = ବାନ୍ଧବ

ସାଧୁ + ଅ = ସାଧବ

ବିଭବ + ଅ = ବୈଭବ

ମରୁତ + ଅ = ମାରୁତ

ଚଣ୍ଡାଳ + ଅ = ଚଣ୍ଡାଳ

ମନସ୍ + ଅ = ମାନସ

କୁତୁକ + ଅ = କୌତୁକ

**'ଇନ' -ପ୍ରତ୍ୟୟ**

ନବ + ଇନ = ନବୀନ

**'କ' -ପ୍ରତ୍ୟୟ**

ଲୁବ୍‌ଧ + କ = ଲବ୍ଧକ

ବାଳ + କ = ବାଳକ

ବାଳ + କ + ଆ = ବାଳିକା

ଚୂର୍ଣ୍ଣ + କ = ଚୂର୍ଣ୍ଣକ

ଦୂତୀ + କ + ଆ = ଦୂତିକା

ଚୂର୍ଣ୍ଣ + କ = ଚୂର୍ଣ୍ଣକ

ଚଣ୍ଡୀ + କ + ଆ = ଚଣ୍ଡୀକା

କୁମାରୀ + କ + ଆ = କୁମାରୀକା

ମୂଷା + କ= ମୂଷିକ

ତାରା + କ + ଆ = ତାରକା

ମାଳା + କ + ଆ =ମାଳିକା

**'ଯ' -ପ୍ରତ୍ୟୟ**

ନବ + ଯ = ନବ୍ୟ

ଅର୍ଘ + ଯ = ଅର୍ଘ୍ୟ

ସୂର + ଯ = ସୂର୍ଯ୍ୟ

ସେନା + ଯ = ସୈନ୍ୟ

ମର୍ତ୍ତ + ଯ = ମର୍ତ୍ତ୍ୟ

ସ୍ୱର + ଯ = ସୂର୍ଯ୍ୟ

କରୁଣ + ଯ = କାରୁଣ୍ୟ

ତ୍ରିଲୋକ + ଯ = ତ୍ରୈଲୋକ୍ୟ

ସେନା + ଯ = ସୈନ୍ୟ

ସୁଖ + ଯ= ସୌଖ୍ୟ

**(୭) ଭାବ ଅର୍ଥକ ପ୍ରତ୍ୟୟ (ଭାବ - ଗୁଣ - କର୍ମ - ଅବସ୍ଥା)**

**'ଅ' -ପ୍ରତ୍ୟୟ**

ସୁରଭି + ଅ =ସୌରଭ

ମୁନି + ଅ = ମୌନ

ଗୁରୁ + ଅ = ଗୌରବ

ଅଶୁଚି + ଅ = ଅଶୌଚ

**'ଇମନ' (ଇମା) - ପ୍ରତ୍ୟୟ**

ଗୁରୁ + ଇମନ୍ = ଗରିମା

ଲଘୁ + ଇମନ୍ = ଲଘିମା

ଅଣୁ + ଇମନ୍= ଆଣିମା

ରକ୍ତ + ଇମନ = ରକ୍ତିମା

ଲଘୁ + ଅ= ଲାଘବ

ଶିଶୁ + ଅ = ଶୈଶବ

କୁଶଳ + ଅ = କୌଶଳ

ପୁରୁଷ + ଅ = ପୌରୁଷ

ମହତ୍ + ଇମନ୍ = ମହିମା

ଦୀର୍ଘ + ଇମନ୍ = ଦ୍ରାଘିମା

ମଧୁର + ଇମନ=ମାଧୁରିମା

'ତା' -ପ୍ରତ୍ୟୟ

ଦୃଢ଼ + ତା = ଦୃଢ଼ତା

ମୂଢ଼ + ତା = ମୂଢ଼ତା

ସ୍ଥିର + ତା = ସ୍ଥିରତା

ବନ୍ଧୁ + ତା = ବନ୍ଧୁତା

କୃତଜ୍ଞ + ତା = କୃତଜ୍ଞତା

ପ୍ରତିଯୋଗିତା+ତା=ପ୍ରତିଯୋଗିତା

କାତର + ତା = କାତରତା

ଦୃଢ଼ + ତା = ଦୃଢ଼ତା

ଚପଳ + ତା = ଚପଳତା

'ତ୍ୱ' -ପ୍ରତ୍ୟୟ

ନର + ତ୍ୱ = ନରତ୍ୱ

ଅମର + ତ୍ୱ = ଅମରତ୍ୱ

ସତୀ + ତ୍ୱ = ସତୀତ୍ୱ

ଦିବ୍ୟ + ତ୍ୱ = ଦିବ୍ୟତ୍ୱ

ପ୍ରଭୁ + ତ୍ୱ = ପ୍ରଭୁତ୍ୱ

ଦେବ + ତ୍ୱ = ଦେବତ୍ୱ

ନେତୃ + ତ୍ୱ = ନେତୃତ୍ୱ

କବି + ତ୍ୱ = କବିତ୍ୱ

ବୀର + ତ୍ୱ = ବୀରତ୍ୱ

ମହତ୍ + ତ୍ୱ = ମହତ୍ତ୍ୱ

'ଯ', 'ୟ' - ପ୍ରତ୍ୟୟ

ଧୀର + ଯ = ଧୈର୍ଯ୍ୟ

ସୁନ୍ଦର + ଯ = ସୌନ୍ଦର୍ଯ୍ୟ

ବତ୍ସଳ + ୟ = ବାତ୍ସଲ୍ୟ

ବିଷମ + ୟ = ବୈଷମ୍ୟ

ବାର୍ଦ୍ଧକ + ୟ = ବାର୍ଦ୍ଧକ୍ୟ

କୁମାର + ଯ = କୌମାର୍ଯ୍ୟ

ଗମ୍ଭୀର + ଯ = ଗାମ୍ଭୀର୍ଯ୍ୟ

ସୁଜନ + ୟ = ସୌଜନ୍ୟ

ସମର୍ଥ + ୟ = ସାମର୍ଥ୍ୟ

ମୁଖ୍ୟ + ୟ = ମୁଖ୍ୟ

ପଣ୍ଡିତ + ୟ =ପାଣ୍ଡିତ୍ୟ

(୮) **ବୃତ୍ତି ଅର୍ଥରେ ୟ, ଯ ପ୍ରତ୍ୟୟ :**

ବଣିକ + ୟ = ବାଣିଜ୍ୟ

ଚୋର + ଯ = ଚୌର୍ଯ୍ୟ

ସାରଥି + ୟ = ସାରଥ୍ୟ

ଦୂତ + ୟ= ଦୌତ୍ୟ

ପୁରୋହିତ + ଯ = ପୌରୋହିତ୍ୟ

(୯) **ନିମିତ୍ତ ଅର୍ଥ 'ୟ' ପ୍ରତ୍ୟୟ :**

ପଦ + ୟ = ପାଦ୍ୟ

ଅତିଥି + ୟ = ଆତିଥ୍ୟ

ଅର୍ଘ + ୟ = ଅର୍ଘ୍ୟ

(୧୦) **ବିଭିନ୍ନ ଅର୍ଥବୋଧରେ 'ମୟ' ପ୍ରତ୍ୟୟ**

**ରୂପାନ୍ତର ଅର୍ଥରେ :** ମୃତ୍ + ମୟ = ମୃଣ୍ମୟ

ହିରଣ୍ୟ + ମୟ = ହିରଣ୍ମୟ

**ବ୍ୟାପ୍ତି ଅର୍ଥରେ :** ଜଳ + ମୟ = ଜଳମୟ

ତମଃ + ମୟ = ତମୋମୟ

ତେଜଃ + ମୟ = ତେଜୋମୟ

**ପ୍ରାଚୁର୍ଯ୍ୟ ଅର୍ଥରେ :** ଘୃତ + ମୟ = ଘୃତମୟ

ଅନ୍ନ + ମୟ = ଅନ୍ନମୟ

ଗୋବର ଅର୍ଥରେ : ଗୋ + ମୟ = ଗୋମୟ

ସ୍ୱରୂପ ଅର୍ଥରେ : ବାକ୍ + ମୟ = ବାଙ୍‌ମୟ

କର୍ମ + ମୟ = କର୍ମମୟ

ଚିତ୍ + ମୟ = ଚିନ୍ମୟ

ପ୍ରେମ + ମୟ = ପ୍ରେମମୟ

କୃଷ୍ଣ + ମୟ = କୃଷ୍ଣମୟ

**(୧୩) ତୁଳନାର୍ଥକ ପ୍ରତ୍ୟୟ (ତର, ତମ, ଈୟସ୍, ଇଷ୍ଠ) :**

**ତର / ତମ -ପ୍ରତ୍ୟୟ :**

ଗୁରୁ + ତର = ଗୁରୁତର

ବୃହତ୍ + ତର = ବୃହତ୍ତର

ବୃହତ୍ + ତମ = ବୃହତ୍ତମ

ସୁନ୍ଦର + ତର = ସୁନ୍ଦରତର

ଦୀର୍ଘ + ତମ = ଦୀର୍ଘତମ

ମଧୁର + ତମ = ମଧୁରତମ

ପ୍ରିୟ + ତମ = ପ୍ରିୟତମ

**ଈୟସ ଓ ଇଷ୍ଠ ପ୍ରତ୍ୟୟ :**

ଗୁରୁ + ଈୟସ = ଗରୀୟାନ

ଲଘୁ + ଈୟସ = ଲଘୀୟାନ

ବଳୀ + ଇଷ୍ଠ = ବଳିଷ୍ଠ

ମହତ୍ + ଈୟସ = ମହୀୟାନ

ଗରୁ + ଇଷ୍ଠ = ଗରିଷ୍ଠ

ବୃଦ୍ଧ + ଇଷ୍ଠ = ବର୍ଦ୍ଧିଷ୍ଠ / ଜ୍ୟେଷ୍ଠ

**(୧୪) ତୁଲ୍ୟାର୍ଥକ ପ୍ରତ୍ୟୟ - ବତ୍, ସ୍ଥାନୀୟ**

**ବତ୍ -ପ୍ରତ୍ୟୟ :**

ପିତୃ + ବତ୍ = ପିତୃବତ୍

ଆତ୍ମ + ବତ୍ = ଆତ୍ମବତ

ମାତୃ + ବତ୍ = ମାତୃବତ୍

ପୁତ୍ର + ବତ = ପୁତ୍ରବତ

ମିତ୍ର + ବତ = ମିତ୍ରବତ

**ସ୍ଥାନୀୟ ପ୍ରତ୍ୟୟ :**

ପିତୃ + ସ୍ଥାନୀୟ = ପିତୃସ୍ଥାନୀୟ

ମାତୃ + ସ୍ଥାନୀୟ = ମାତୃସ୍ଥାନୀୟ

ଭ୍ରାତୃ + ସ୍ଥାନୀୟ = ଭ୍ରାତୃସ୍ଥାନୀୟ

ପୁତ୍ର + ସ୍ଥାନୀୟ = ପୁତ୍ରସ୍ଥାନୀୟ

ଗୁରୁଜନ + ସ୍ଥାନୀୟ = ଗୁରଜନ ସ୍ଥାନୀୟ

**(୧୫) କାଳ ଅର୍ଥରେ ପ୍ରତ୍ୟୟ - ଦା**

ଏକ + ଦା = ଏକଦା

ସର୍ବ + ଦା = ସର୍ବଦା (ସଦା)

ସତ୍ + ଦା = ସଦା

**(୧୬) ପ୍ରକାର ଅର୍ଥେ - ଥା, ଧା, ପ୍ରତ୍ୟୟ**

ଅନ୍ୟ + ଥା = ଅନ୍ୟଥା

ତଦ୍ + ଥା = ତଥା

ସର୍ବ + ଥା = ସର୍ବଥା

ବହୁ + ଧା = ବହୁଧା

ଯଦ୍ + ଥା = ଯଥା

ଦ୍ୱି + ଧା = ଦ୍ୱିଧା

ଶତ + ଧ = ଶତଧା

**(୧୭) ଜ୍ଞାନ ଆହରଣ କ୍ଷେତ୍ରରେ ଅ, ଇକ ପ୍ରତ୍ୟୟ :**

ବ୍ୟାକରଣ + ଅ = ବୈୟାକରଣ

ବେଦାନ୍ତ + ଇକ = ବୈଦାନ୍ତିକ

ଭୂଗୋଳ + ଇକ = ଭୌଗୋଳିକ

ସ୍ମୃତି + ଅ = ସ୍ମାର୍ତ୍ତ

ନ୍ୟାୟ + ଇକ = ନ୍ୟାୟିକ

ତର୍କ + ଇକ = ତାର୍କିକ

ମୀମାଂସା + କ = ମୀମାଂସକ

ଶିକ୍ଷା + କ = ଶିକ୍ଷକ

**(୧୮) ଜାତ ଅର୍ଥେ 'ଇତ' ପ୍ରତ୍ୟୟ**

ପୁଷ୍ପ + ଇତ = ପୁଷ୍ପିତ

ମୂର୍ଚ୍ଛା + ଇତ = ମୂର୍ଚ୍ଛିତ

ଫଳ + ଇତ = ଫଳିତ

କୁସୁମ + ଇତ = କୁସୁମିତ

ପୁଲକ + ଇତ = ପୁଲକିତ

ପଲ୍ଲବ + ଇତ = ପଲ୍ଲବିତ

ତାରକା + ଇକ= ତାରକିତ

ରୋମାଞ୍ଚ + ଇତ = ରୋମାଞ୍ଚିତ

**(୧୯) ଜୀବିକା ଅର୍ଥେ 'ଇକ' ପ୍ରତ୍ୟୟ**

ତିଳ + ଇକ = ତୈଳିକ

ଜାଲ + ଇକ = ଜାଲିକ

ବେତନ + ଇକ = ବୈତନିକ

ତାମ୍ବୁଲ + ଇକ = ତାମ୍ବୁଲିକ

ନୌ + ଇକ = ନାବିକ

ବିକ୍ରୟ + ଇକ= ବିକ୍ରୟିକ(ବିକ୍ରୀ କରି ଜୀବିକା ଚଳାଏ)

**(୨୦) ପୂରଣ ଅର୍ଥେ - ତୀୟ, ଥ, ମ, ତମ ପ୍ରତ୍ୟୟ**

**ତୀୟ :** ଦ୍ୱି + ତୀୟ = ଦ୍ୱିତୀୟ

**ଥ :** ଚତୁଃ + ଥ = ଚତୁର୍ଥ

**ମ:** ପଞ୍ଚ + ମ = ପଞ୍ଚମ

**ତମ :** ତ୍ରିଂଶତ୍ + ତମ = ତ୍ରିଂଶତ୍ତମ

ତ୍ରି + ତୀୟ = ତୃତୀୟ

ଷଷ୍ଠ + ଥ = ଷଷ୍ଠ

ନବ + ମ = ନବମ

ବିଂଶତି + ତମ = ବିଂଶତିତମ

**(୨୧) ସମୟ ବୋଧକ 'ତନ' ପ୍ରତ୍ୟୟ :**

ଅଧୁନା + ତନ = ଅଧୁନାତନ

ପ୍ରାକ୍ + ତନ = ପ୍ରାକ୍ତନ

ସଦା + ତନ = ସନାତନ

ପୁରା + ତନ = ପୁରାତନ

ପୂର୍ବ + ତନ = ପୂର୍ବତନ

ଚିରଂ + ତନ = ଚିରନ୍ତନ

(୨୨) ସପ୍ତମୀ ବିଭକ୍ତି ଅର୍ଥେ 'ତ୍ର' ପ୍ରତ୍ୟୟ :

ଯଦ୍ + ତ୍ର = ଯତ୍ର

ସର୍ବ + ତ୍ର = ସର୍ବତ୍ର

ତଦ୍ + ତ୍ର = ତତ୍ର

ଏତଦ୍ + ତ୍ର = ଅତ୍ର

ଏକ + ତ୍ର = ଏକତ୍ର

ଅନ୍ୟ + ତ୍ର = ଅନ୍ୟତ୍ର

(୨୩) ପଞ୍ଚମୀ ଓ ସପ୍ତମୀ ବିଭକ୍ତି ଅର୍ଥେ 'ତସ୍' ପ୍ରତ୍ୟୟ :

ବସ୍ତୁ + ତସ୍ = ବସ୍ତୁତଃ

ଅନ୍ତ + ତସ୍ = ଅନ୍ତତଃ

ସମ୍ଭବ + ତସ୍ = ସମ୍ଭବତଃ

ଫଳ + ତସ୍ = ଫଳତଃ

ଫଳ + ତସ = ଫଳତଃ

(୨) ଓଡ଼ିଆ ତଦ୍ଧିତ ପ୍ରତ୍ୟୟ : (ତଦ୍‌ଭବ ଓ ଦେଶଜ)

(୧) 'ଅଛି' ଅର୍ଥକ ପ୍ରତ୍ୟୟ :

'ଆ' ପ୍ରତ୍ୟୟ

ଚୁଟି + ଆ = ଚୁଟିଆ

ରୋଗ + ଆ = ରୋଗା

ଜାତି + ଆ = ଜାତିଆ

ଦାଢ଼ି + ଆ = ଦାଢ଼ିଆ

ପାଣି + ଆ = ପାଣିଆ

କୁହୁଡ଼ି + ଆ = କୁହୁଡ଼ିଆ

'ଆଳ' ପ୍ରତ୍ୟୟ

ଗାଈ + ଆଳ = ଗାଈଆଳି

ଗଣ୍ଡି + ଆଳ = ଗଣ୍ଡିଆଳ

ମଇଁଷି + ଆଳ = ମଇଁଷିଆଳ

'ଆଳିଆ' ପ୍ରତ୍ୟୟ

କଣ୍ଟା + ଆଳିଆ = କଣ୍ଟାଳିଆ

କଷା + ଆଳିଆ = କଷାଳିଆ

ଖଟା + ଆଳିଆ = ଖଟାଳିଆ

ଝଙ୍କା + ଆଳିଆ = ଝଙ୍କାଳିଆ

'ଇଆ' ପ୍ରତ୍ୟୟ

ମୂଳ + ଇଆ = ମୂଳିଆ

ଗୁଡ୍ + ଇଆ = ଗୁଡ଼ିଆ

ମଫସଲ + ଇଆ = ମଫସଲିଆ

ମୂନ + ଇଆ = ମୂନିଆ

ଲୁଣ + ଇଆ = ଲୁଣିଆ

ଖରାଦିନ + ଇଆ = ଖରାଦିନିଆ

କପଟ + ଇଆ = କପଟିଆ

ଅନ୍ଧାର + ଇଆ = ଅନ୍ଧାରିଆ

କପାଳ + ଇଆ = କପାଳିଆ

ହଳ + ଇଆ = ହଳିଆ

'ଇ' ପ୍ରତ୍ୟୟ

ତନ୍ତ + ଇ = ତନ୍ତୀ

ଦୋକାନ + ଇ = ଦୋକାନୀ

ଦାଗ + ଇ = ଦାଗୀ

ହିସାବ + ଇ = ହିସାବୀ

କଟକ + ଇ = କଟକୀ

ଭୋଗ + ଇ = ଭୋକୀ

ରାଗ + ଇ = ରାଗୀ

ଅଭାବ + ଇ = ଅଭାବୀ

'ଉଆ' ପ୍ରତ୍ୟୟ :

ନାଟ + ଉଆ = ନାଟୁଆ

ଧାର + ଉଆ = ଧାରୁଆ

ମଦ + ଉଆ = ମଦୁଆ

ପାଠ + ଉଆ = ପାଠୁଆ

ଭାରା + ଆ = ଭାରୁଆ

ମେଘ + ଉଆ = ମେଘୁଆ

ହଳ + ଉଆ = ହଳୁଆ

ଦଳ + ଉଆ = ଦଳୁଆ

ଗାଲ + ଉଆ = ଗାଲୁଆ

ମନ + ଇଆ = ମନୁଆ

ମିଛ + ଉଆ = ମିଛୁଆ

'ଉଆଳ' ପ୍ରତ୍ୟୟ

ଜଗା + ଉଆଳ = ଜଗୁଆଳ

ରସ + ଉଆଳ = ରସୁଆଳ

ଭାଗ + ଉଆଳ = ଭାଗୁଆଳ

ମଂଗ + ଉଆଳ = ମଙ୍ଗୁଆଳ

ଖେଳ + ଉଆଳ = ଖେଳୁଆଳ

'ଉରା' ପ୍ରତ୍ୟୟ

ଦାନ୍ତ + ଉରା = ଦାନ୍ତୁରା

ମନ୍ତ + ଉରା = ମନ୍ତୁରା

କାନ୍ଦ + ଉରା = କାନ୍ଦୁରା

ମୂତ + ଉରା = ମୂତୁରା

ଦାର - ପ୍ରତ୍ୟୟ

ଭାଗ + ଦାର = ଭାଗୀ ଦାର/ଭାଗୀଦାର

ଦୋକାନ + ଦାର = ଦୋକାନଦାର

ଜମି + ଦାର = ଜମିଦାର

ଅଂଶ + ଦାର = ଅଂଶଦାର

ଚୁଡ଼ି + ଦାର = ଚୁଡ଼ିଦାର

'ବାଲା' - ପ୍ରତ୍ୟୟ

ପଇସା + ବାଲା = ପଇସାବାଲା

କ୍ଷୀର + ବାଲା = କ୍ଷୀରବାଲା

ବାଡ଼ି + ବାଲା = ବାଡ଼ିବାଲା

ଘର + ବାଲା = ଘରବାଲା

ଥିବା + ବାଲା = ଥିବାବାଲା

ପହରା + ବାଲା = ପହରାବାଲା

(୨) **ଅଭ୍ୟାସ ବା ନିପୁଣ ଅର୍ଥେ :**

'ଆ' ପ୍ରତ୍ୟୟ :

ଅଫିମ + ଆ = ଅଫିମା

ଗାଲୁ + ଆ = ଗାଲୁଆ

'ଆଳି' ପ୍ରତ୍ୟୟ :

ଖେଳ + ଆଳି = ଖେଳାଳି

ଚଖା + ଆଳି = ଚଖାଳି

ପଢ଼ + ଆଳି = ପଢ଼ାଳି

'ଉଆ' ପ୍ରତ୍ୟୟ :

ମିଛ + ଉଆ = ମିଛୁଆ

ଲାଞ୍ଚ + ଉଆ = ଲାଞ୍ଚୁଆ

ମାଡ଼ + ଉଆ = ମାଡୁଆ

ଖଚ + ଉଆ = ଖଚୁଆ

**'ଖୋର' ପ୍ରତ୍ୟୟ :**

ନିଶା + ଖୋର = ନିଶାଖୋର

ଗୁଲି + ଖୋର = ଗୁଲିଖୋର

ଜିଦ୍ + ଖୋର = ଜିଦ୍‌ଖୋର

ସୁଧ + ଖୋର = ସୁଧଖୋର

**'ବାଜ' ପ୍ରତ୍ୟୟ :**

ଅକଡ଼ + ବାଜ = ଅକଡ଼ବାଜ

ଦଗା + ବାଜ = ଦଗାବାଜ

ଧୋକା + ବାଜ = ଧୋକାବାଜ

ଧପା + ବାଜ = ଧପାବାଜ

**(୩) ଅନାଦର / ସମ୍ବୋଧନ ଅର୍ଥରେ ପ୍ରତ୍ୟୟ :**

**'ଆ' ପ୍ରତ୍ୟୟ**

ଦାମ୍ + ଆ = ଦାମା

ହରି + ଆ = ହରିଆ

ମଧୁ + ଆ = ମଧୁଆ

**'ଇଆ' ପ୍ରତ୍ୟୟ :**

ମାଧ + ଇଆ = ମାଧିଆ

ରାମ + ଇଆ = ରାମିଆ

ଦାମ + ଇଆ = ଦାମିଆ

**'ଟା' ପ୍ରତ୍ୟୟ :**

ବୁଢ଼ା + ଟା = ବୁଢ଼ାଟା

ମୂର୍ଖ + ଟା = ମୂର୍ଖଟା

ଲୋକ + ଟା = ଲୋକଟା

ବୋକା + ଟା = ବୋକାଟା

**(୪) ଆଦର ଅର୍ଥରେ 'ଟି' ପ୍ରତ୍ୟୟ**

ବହି + ଟି = ବହିଟି

ଝିଅ + ଟି = ଝିଅଟି

ପିଲା + ଟି = ପିଲାଟି

**(୫) ଆକୃତି ବା ସାଦୃଶ୍ୟାର୍ଥକ ପ୍ରତ୍ୟୟ :**

**'ଇଆ' ପ୍ରତ୍ୟୟ**

ଚାଉଳ + ଇଆ = ଚାଉଳିଆ

ହଳଦି + ଇଆ = ହଳଦିଆ

ପଥର + ଇଆ = ପଥୁରିଆ

**'ଚିଆ' ପ୍ରତ୍ୟୟ**

ମାଈ + ଚିଆ = ମାଈଚିଆ

ପାଣି + ଚିଅ = ପାଣିଚିଆ

**'ଉଆ' ପ୍ରତ୍ୟୟ**

କାଠ + ଉଆ = କାଠୁଆ

ସିଠା + ଉଆ = ସିଠୁଆ

ବାଘ + ଉଆ = ବାଘୁଆ

**'ଡ଼ା' - ପ୍ରତ୍ୟୟ**

ଆମ୍ବ + ଡ଼ା = ଆମ୍ବଡ଼ା

ଶିଙ୍ଗ + ଡ଼ା = ସିଙ୍ଗଡ଼ା

**(୬) ଭାବ ଅର୍ଥକ ପ୍ରତ୍ୟୟ (ଗୁଣ, ଅବସ୍ଥା, କର୍ମ) :**

**'ଆ' ପ୍ରତ୍ୟୟ**

ବେଠି + ଆ = ବେଠିଆ

ମେଳି + ଆ = ମେଳିଆ

**'ଆମି' ପ୍ରତ୍ୟୟ**

ଠକ + ଆମି = ଠକାମି

ମୂର୍ଖ + ଆମି = ମୂର୍ଖାମି

ଭଦ୍ର + ଆମି = ଭଦ୍ରାମି

ପାଗଳ + ଆମି = ପାଗଳାମି

**'ଇ' ପ୍ରତ୍ୟୟ**

ହାକିମ + ଇ = ହାକିମି

ଜମିଦାର + ଇ = ଜମିଦାରି

କାରିଗର + ଇ = କାରିଗରି

ମାଷ୍ଟର + ଇ = ମାଷ୍ଟରି

ଚାକର + ଇ = ଚାକିରି

**'ଏଇ' ପ୍ରତ୍ୟୟ**

ସଫା + ଏଇ = ସଫେଇ

ମୋଟା + ଏଇ = ମୋଟେଇ

ବଡ଼ + ଏ = ବଡ଼େଇ

**'ଗିରି' ପ୍ରତ୍ୟୟ**

ବାବୁ + ଗିରି = ବାବୁଗିରି

ଗୁଣ୍ଡା + ଗିରି = ଗୁଣ୍ଡାଗିରି

ଦାଦା + ଗିରି = ଦାଦାଗିରି

**'ପଣ / ପଣିଆ' ପ୍ରତ୍ୟୟ**

ସୁନ୍ଦର + ପଣ = ସୁନ୍ଦରପଣ

ମୂର୍ଖ + ପଣ = ମୂର୍ଖପଣ

ବଡ଼ + ପଣ = ବଡ଼ପଣ

ମହତ + ପଣିଆ = ମହତପଣିଆ

**'ଆଳି' - ପ୍ରତ୍ୟୟ**

ଜଗା + ଆଳି = ଜଗାଳି

ଖେଳ + ଆଳି = ଖେଳାଳି

ବଛା + ଆଳି = ବଛାଳି

**'ଇଆ' - ପ୍ରତ୍ୟୟ**

ମୂଲ + ଇଆ = ମୂଲିଆ

ହଳ + ଇଆ = ହଳିଆ

ଗୁଡ଼ + ଇଆ = ଗୁଡ଼ିଆ

ଘାଟ + ଇଆ = ଘାଟିଆ

**'ଉଆ" - ପ୍ରତ୍ୟୟ**

ହାଟ + ଉଆ = ହାଟୁଆ

ଭାର + ଉଆ = ଭାରୁଆ

ହଳ + ଉଆ = ହଳୁଆ

ନାଟ + ଉଆ = ନାଟୁଆ

**'ଉଆଳ' - ପ୍ରତ୍ୟୟ**

ଜଗା + ଉଆଳ = ଜଗୁଆଳ

ଖେଳ + ଉଆଳ = ଖେଳୁଆଳ

ରଖ + ଉଆଳ = ରଖୁଆଳ

**'ଗର' - ପ୍ରତ୍ୟୟ**

ସୌଦା + ଗର = ସୌଦାଗର

ବାଜି + ଗର = ବାଜିଗର

କାରି + ଗର = କାରିଗର

**'ଦାର' - ପ୍ରତ୍ୟୟ**

ଚୌକି + ଦାର = ଚୌକିଦାର

ପେସା + ଦାର = ପେସାଦାର

ଦଫା + ଦାର = ଦଫାଦାର

ଦଗା + ଦାର = ଦଗାଦାର